୬ ଅପରେସନ୍ ସିନ୍ଦୂର ପରେ ପ୍ରଥମଥର
ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୫୪ ● ୨ ଜୁଲାଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-154 ● 2nd July 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ସେବାୟତଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
# ଆଗାମୀ ନୀତିକାନ୍ତି ସୂଚାରୁ ରୂପେ ପାଳିତ ହେବ

ଭୁବନେଶ୍ୱର/ପୁରୀ, ୧୭
ନ୍ୟୁଜ୍ ବ୍ୟୁରୋ



ମଙ୍ଗଳବାର ପୁରୀ ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ସେବାୟତମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ନିର୍ବାହ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଆପଣମାନଙ୍କ ସହଯୋଗ ଓ ସେବାପୂଜା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମାପନ ହୋଇଛି। ରଥଯାତ୍ରାର ଆହୁରି ତିନୋଟି ମୁଖ୍ୟ ଉତ୍ସବ ବାହୁଡ଼ା, ସୁନାବେଶ ଓ ନିଳାଦ୍ରୀବିଜେ ବାକି ଅଛି । ତେଣୁ ସେବାୟତମାନେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁଖଦ ଅନୁଭୂତି ପାଇଁ ଏହି ସହଯୋଗ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ ଯେ, ସମସ୍ତେ ସମର୍ପଣ ଭାବ ନେଇ ମହାପ୍ରଭୁଙ୍କ ସେବାରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ।

ସେବାୟତମାନେ ସେମାନଙ୍କର କିଛି ଦାବୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରଖିଥିଲେ। ମୁଖ୍ୟମନ୍ତ୍ରୀ ଏ ସବୁ ଦାବୀକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏଥି ସହିତ ସେବାୟତମାନଙ୍କ ପାଇଁ ସବୁବେଳେ ତାଙ୍କର ଦ୍ୱାର ଖୋଲା ଅଛି ଏବଂ ଯାହା ବି ସମସ୍ୟା ଅଛି ଆଗାମୀ ଦିନରେ ସେ ସବୁ ବିଷୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ସେ କହିଥିଲେ।

ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବାରୁ ସେବାୟତମାନେ ଅତ୍ୟନ୍ତ ଖୁସି ହୋଇଥିଲେ।

ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା, ପୁରୀ ଏସ୍.ପି. ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହେରାପଞ୍ଚମୀ ସମ୍ପନ୍ନ

ପୁରୀ, ୧୭ : ନ୍ୟୁଜ୍ ବ୍ୟୁରୋ



ଜନ୍ମବେଦୀରେ ଚାଲିଛି ଲୀଳାଖେଳା। ମାଉସୀ ହାତରନ୍ଧା ଖାଇ ଅଗଣିତ ଭକ୍ତଙ୍କ ଗୁହାରି ଶୁଣୁଛନ୍ତି ମହାପ୍ରଭୁ । ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଭାବ ବିହ୍ୱଳ ଶ୍ରଦ୍ଧାଳୁ। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଛନ୍ତି ନୀଳାଦ୍ରିନାଥ । ମନ୍ଦିରରେ ମହାଲକ୍ଷ୍ମୀଙ୍କୁ ଛାଡ଼ି ଆସିଛନ୍ତି ଲକ୍ଷ୍ମୀକାନ୍ତ । ତେଣୁ ଅଭିମାନ କରିଛନ୍ତି ମାଆ । ମଙ୍ଗଳବାର ପବିତ୍ର ହେରା ପଞ୍ଚମୀ ତିଥିରେ ବିମଳାଙ୍କ ପରାମର୍ଶରେ ମୋହିନୀ ଚୂର୍ଣ୍ଣ ଧରି ପାଲିଙ୍କିରେ ଶ୍ରୀଗୁଣ୍ଡିଚା ଆସନ୍ତି ମାଆ ଲକ୍ଷ୍ମୀ । ହେଲେ ସନ୍ଧ୍ୟା ଧୂପ ନୀତି ଚାଲିଥିବାରୁ ଟେରା ପଡ଼ିଥିବାରୁ ଦର୍ଶନ ନପାଇ ନାକଚଣା ଦ୍ୱାର ଦେଇ ଅଭିମାନ କରି ଫେରନ୍ତି । ଆଉ ରାଗରେ ନନ୍ଦିଘୋଷ ରଥ ହେରାଗୌରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ମହାପ୍ରଭୁଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଶରଧାବାଲିରେ ଜମିଥିଲା ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼।

ମହାଲକ୍ଷ୍ମୀ ଫେରିବା ଜାଣି ବାହୁଡ଼ା ପାଇଁ ପ୍ରସ୍ତୁତ ହୁଅନ୍ତି *(ପୃଷ୍ଠା ୭ରେ)*

# ବିଏମ୍‌ସି ଘଟଣା : ସମୂହ ଛୁଟିରେ ଓଏଏସ୍ ଓ ଓଆରଏସ୍ ଅଫିସର

ଭୁବନେଶ୍ୱର, ୧୭
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ମହାନନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି। କଟକ, ଜଗତସିଂହପୁର ଓ ଝାରସୁଗୁଡ଼ା ସମେତ ବାଲେଶ୍ୱର, ଭଦ୍ରକ, ସୁବର୍ଣ୍ଣପୁର, ଗଞ୍ଜାମ ଜିଲ୍ଲାର ଓଏଏସ୍ ଅଧିକାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି।

ଜଗତସିଂହପୁର ଜିଲ୍ଲାରେ ସମସ୍ତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି ଓ କଲମ ଛାଡ଼ିଛନ୍ତି। ଏନେଇ ଅଧିକାରୀମାନେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ସେହିପରି ଝାରସୁଗୁଡ଼ାରେ ମଧ ସମସ୍ତ ଓଏଏସ ଅଧିକାରୀ ସମୂହ ଛୁଟିରେ ଯାଇଛନ୍ତି। ସୁନ୍ଦରଗଡ଼ ଓଏଏସ୍ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ ଡ଼ାକରା ଦିଆଯାଇଛି।

## ଆଉ ୨ ଗିରଫ, ବିଜେପିରୁ ୫ ନିଲମ୍ବିତ



ପୁରୀରେ ଓଏଏସ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ସଂଘ ଗୋଟିଏ ଦିନ ସମୟ ଦେଇଛି। ବୁଧବାର ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନହେଲେ ସବୁ ଅଫିସର ସମୂହ ଛୁଟିରେ ଯିବେ ବୋଲି ସଂଘ କହିଛି। ଏହି ଘଟଣାକୁ ବିରୋଧ କରି ଭଦ୍ରକ ଓଏଏସ ତଥା ଓଆରଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଛି।

ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ଆଉ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣାରେ ଅଭିଯୁକ୍ତ ସଚ୍ଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର ଗିରଫ ହୋଇଛନ୍ତି। ୨ ଜଣଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି। ସୋମବାର ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା।

ଅନ୍ୟପକ୍ଷରେ ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ରାଜ୍ୟ ଶାଖା ବିଜେପି ପକ୍ଷରୁ ୫ ଜଣଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ରାଜ୍ୟ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଅଭିଯୋଗ ଆଧାରରେ ୫ଜଣଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛନ୍ତି । ସେମାନେ ହେଲେ କର୍ପୋରେଟର ଅପରୂପ ନାରାୟଣ ରାଉତ , *(ପୃଷ୍ଠା ୭ରେ)*

## ସୁପ୍ରିମକୋର୍ଟରେ ଲାଗୁ ହେଲା ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ, ୧୭

ସୁପ୍ରିମକୋର୍ଟ ଏକ ଐତିହାସିକ ନିଷ୍ପତ୍ତି ନେଇ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ବର୍ଗ ପାଇଁ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣର ଆନୁଷ୍ଠାନିକ ନୀତି କାର୍ଯ୍ୟକାରୀ କରିଛନ୍ତି । ଜୁନ ୨୪ ତାରିଖରେ ସୁପ୍ରିମକୋର୍ଟର ସମସ୍ତ କର୍ମଚାରୀଙ୍କୁ ଜାରି ଏକ ସର୍କୁଲାରରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି।

ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ସୁପ୍ରିମକୋର୍ଟରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ୧୫ ପ୍ରତିଶତ ପଦବୀ ଏସସି ବର୍ଗ ପାଇଁ ଏବଂ ୭.୫ ପ୍ରତିଶତ ଏସଟି ବର୍ଗ ପାଇଁ ସଂରକ୍ଷିତ ରହିବ। ଏହି ବ୍ୟବସ୍ଥା ୨୩ ଜୁନ ୨୦୨୫ରୁ କାର୍ଯ୍ୟକାରୀ ହୋଇଛି। ଏଠାରେ ଏହା ମଧ୍ୟ ସ୍ପଷ୍ଟ କରିଦେବା ଉଚିତ ଯେ ଏହି ସଂରକ୍ଷଣ ବିଚାରପତିଙ୍କ ପାଇଁ ନୁହେଁ ବରଂ ଏହି ନୀତି ରେଜିଷ୍ଟ୍ରାର, ବରିଷ୍ଠ ବ୍ୟକ୍ତିଗତ ସହାୟକ, ସହାୟକ ଲାଇବ୍ରେରିଆନ୍, ଜୁନିଅର କୋର୍ଟ ଆସିଷ୍ଟାଣ୍ଟ ଏବଂ ଚାମ୍ବର ଆଟେଣ୍ଡାଣ୍ଟ ଭଳି ଅନେକ ପଦବୀରେ ପ୍ରଯୁଜ୍ୟ ହେବ।

ମୁଖ୍ୟ ବିଚାରପତି ଗଭାଇ କହିଥିଲେ ଯେ ସମସ୍ତ ସରକାରୀ ପ୍ରତିଷ୍ଠାନ ଏବଂ ଅନେକ ହାଇକୋର୍ଟରେ ପୂର୍ବରୁ ଏସସି ଏବଂ ଏସଟି ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଛି, ତେଣୁ ସୁପ୍ରିମକୋର୍ଟକୁ ଏଥିରୁ କାହିଁକି ଦୂରରେ ରଖାଯିବ? ଆମେ ଅନେକ ଐତିହାସିକ ନିଷ୍ପତ୍ତିରେ ସକାରାତ୍ମକ କାର୍ଯ୍ୟକୁ ସମର୍ଥନ କରିଛୁ ଏବଂ ଏକ ଅନୁଷ୍ଠାନ ଭାବରେ ଆମକୁ ଏଠାରେ ମଧ ଏହାକୁ କାର୍ଯ୍ୟକାରୀ କରିବା ଉଚିତ । ଆମର କାର୍ଯ୍ୟ ଆମର ନୀତିଗୁଡ଼ିକୁ ପ୍ରତିଫଳିତ କରିବା ଉଚିତ।

# ନୂଆ କ୍ରୀଡ଼ା ନୀତି-୨୦୨୫କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୧୭




କେନ୍ଦ୍ର କ୍ୟାବିନେଟ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି । ସରକାର ନୂତନ କ୍ରୀଡା ନୀତି-୨୦୨୫କୁ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ ରୋଜଗାର ସହ ଜଡ଼ିତ ପ୍ରୋତ୍ସାହନ ଯୋଜନା (ମୂଲ୍ୟ ୧.୦୭ ଲକ୍ଷ କୋଟି ଟଙ୍କା), ଗବେଷଣା ବିକାଶ ଏବଂ ନବସୃଜନ (ଆରଡିଆଇ) ଯୋଜନା (ମୂଲ୍ୟ ୧ ଲକ୍ଷ କୋଟି ଟଙ୍କା), ଜାତୀୟ କ୍ରୀଡା ନୀତି ୨୦୨୫ ଏବଂ ପରମକୁଡି-ରାମନାଥପୁରମ ଜାତୀୟ ରାଜପଥର ଚାରି ଲେନ (ମୂଲ୍ୟ ୧,୮୫୩ କୋଟି ଟଙ୍କା)କୁ ମଞ୍ଜୁରୀ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ନୂତନ କ୍ରୀଡା ନୀତି ସାରା ଦେଶରେ କ୍ରୀଡା ଭିତ୍ତିଭୂମିର ବିକାଶ ଏବଂ ଖେଳାଳିଙ୍କ ପ୍ରଦର୍ଶନକୁ ଦିଗଦର୍ଶନ ଦେବ। କ୍ୟାବିନେଟ ଦ୍ୱାରା ଅନୁମୋଦିତ ନିଯୁକ୍ତି ସମ୍ବନ୍ଧୀୟ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ, ଉତ୍ପାଦନ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ। ଏହା ଦୁଇଟି ଭାଗରେ ହେବ। ଏହି ଯୋଜନା ନିଯୁକ୍ତିଦାତାମାନଙ୍କୁ ପ୍ରଥମ ଥର ପାଇଁ କର୍ମଚାରୀ ନିଯୁକ୍ତି ଦେବା *(ପୃଷ୍ଠା ୭ରେ)*

# ବାଲେଶ୍ୱର ବନ୍ୟା: ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

ବାଲେଶ୍ୱର, ୧୭
ନ୍ୟୁଜ୍ ବ୍ୟୁରୋ



ଉତ୍ତର ବାଲେଶ୍ୱରରେ ଲାଗି ରହିଛି ବନ୍ୟା ସ୍ଥିତି। ବିପଦ ସଂକେତ ଉପରେ ପ୍ରବାହିତ ସୁବର୍ଣ୍ଣରେଖା। ସୁବର୍ଣ୍ଣରେଖା ନଦୀର ବିପଦ ସଂକେତ ରାଜଘାଟ ଠାରେ ୧୦.୩୬ ମିଟର ଥିବାବେଳେ ସକାଳ ୯ଟାରେ ୧୦.୭୧ ମିଟରରେ ପ୍ରବାହିତ ହେଉଥିଲା । ଜଳକାରେ ବିପଦ ସଙ୍କେତ ୬. ୫ ମିଟର ଥିବାବେଳେ ୬.୪୮ ମିଟରରେ ଜଳ ପ୍ରବାହିତ ହେଉଥିଲା। ଜାମଶୋଳାଘାଟରେ ବିପଦ ସଙ୍କେତ ୪୯.୧୬ ମିଟର ଥିବାବେଳେ ୪୯.୮ ମିଟରରେ ପ୍ରବାହିତ ହେଉଛି। ଏବେବି ୩୦ରୁ ଅଧିକ ପଞ୍ଚାୟତ ପାଣି ଘେରରେ ରହିଛନ୍ତି । ସୁବର୍ଣ୍ଣରେଖାର ବନ୍ୟା ଜଳ ପାଇଁ ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇ, ରେମୁଣା, ସଦର ବ୍ଲକର ୪୬ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ଗାଁ ରାସ୍ତାରେ ଚାଲୁଛି ଆଣ୍ଠୁଏ ଉଚ୍ଚର ପାଣି । ଚାଷ ଜମି ଜଳମଗ୍ନ ହୋଇଛି । ଚାରିଆଡେ ସୃଷ୍ଟି ହୋଇଛି ନଦୀର ଭ୍ରମ । *(ପୃଷ୍ଠା ୭ରେ)*

### ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
# ଜନକଲ୍ୟାଣକାରୀ ଯୋଜନାରେ ଅଧିକ ଋଣ ଦେବାକୁ ପରାମର୍ଶ

ଭୁବନେଶ୍ୱର, ୧୭
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଆଇସିଆଇସିଆଇ, ଆକ୍ସିସ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି । ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଗରିବ ଲୋକମାନଙ୍କୁ ଅଧିକ ଋଣ ଦେବାପାଇଁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯେପରିକି କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା(ପିଏମଇଜିପି), ପିଏମ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ *(ପୃଷ୍ଠା ୭ରେ)*

## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୭
ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ରେ ଏମ୍ସ ଭୁବନେଶ୍ୱର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

## ଏକାଳ ପଖାଳ



ଶୃଙ୍ଖଳିତ ହେବ ସବୁ କିଛି ଏବେ
ଦେଇଛନ୍ତି ପରା କଥା
ଯାତରାରେ କିଛି ଭୂଲ ହେବନି
ସବୁ ଆଡେ ଉଡେ ବାର୍ତ୍ତା
ନଇଁବନି ଆଉ ମଥା
ଦେଖିବାକୁ ବାକି ଏତେ କଥା ସବୁ
ସତ କରିବେକି ନେତା।

# ଅରୁଣ ସ୍ତମ୍ଭ ସ୍ପର୍ଶରୁ ଶ୍ରଦ୍ଧାଳୁ ବଞ୍ଚିତ



ପୁରୀ, ୧୭ : ନ୍ୟୁଜ୍ ବ୍ୟୁରୋ

ଅରୁଣ ସ୍ତମ୍ଭ ସ୍ପର୍ଶରୁ ବଞ୍ଚିତ ଶ୍ରଦ୍ଧାଳୁ। ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସକୁ ଧକ୍କା । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବ୍ରିଟିଶ ଅମଳରୁ ରହିଛି ଅରୁଣ ସ୍ତମ୍ଭ । ଏହାକୁ ଦର୍ଶନ ଓ ସ୍ପର୍ଶ ସହ ପ୍ରଣାମ କରି ସିଂହଦ୍ୱାର ଦେଇ ପ୍ରବେଶ କରନ୍ତି ଶ୍ରଦ୍ଧାଳୁ । କେବଳ ଶ୍ରଦ୍ଧାଳୁ ନୁହଁନ୍ତି ସେବାୟତ ମଧ୍ୟ ଏହାକୁ ପ୍ରଥମେ ଦର୍ଶନ ଓ ପ୍ରଣିପାତ କରିଥାନ୍ତି । ବ୍ରିଟିଶ ସମୟରୁ ଅରୁଣ ସ୍ତମ୍ଭକୁ ଲୁହା ବାଡ ଘେରି ରହିଥିଲା । ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ କାଢି ପିତଳ ବ୍ୟାରିକେଡ଼ ଲଗାଇଛି । ଅରୁଣ ସ୍ତମ୍ଭର ସୁରକ୍ଷା ଓ ଦୀର୍ଘ ସ୍ଥାୟୀ ବ୍ୟବସ୍ଥା ପାଇଁ ଏହି ପିତଳ ବ୍ୟାରିକେଡ ଲଗାଯାଉଥିବା କୁହାଯାଉଥିବା ବେଳେ ଏହାକୁ ସ୍ପର୍ଶ କରି ନପାରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ଅରୁଣ ସ୍ତମ୍ଭର ସୁରକ୍ଷା ଓ ଦୀର୍ଘ ସ୍ଥାୟୀ ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏପରି ପରିବର୍ତ୍ତନ କରାଯାଉଛି । ମାତ୍ର ଏନେଇ କୌଣସି ସେବାୟତଙ୍କ ସହ ଆଲୋଚନା କରାଯାଇ ନାହିଁ। ପ୍ରାୟ ୪ ଫୁଟ ଉଚ୍ଚର ପିତଳ ବ୍ୟାରିକେଡ ଲଗାଯିବା ଦ୍ୱାରା ଅଧିକାଂଶ ଭକ୍ତ ଆଉ ଅରୁଣ ସ୍ତମ୍ଭ ସ୍ପର୍ଶ କରିପାରୁ ନାହାନ୍ତି । ଏହା ଭକ୍ତଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି । ପ୍ରଥମେ ଶ୍ରୀବିଗ୍ରହଙ୍କୁ ସ୍ପର୍ଶ ମନା, *(ପୃଷ୍ଠା ୭ରେ)*

# ଆହୁରି ୫ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୭
ନ୍ୟୁଜ୍ ବ୍ୟୁରୋ



ରାଜ୍ୟରେ କିଛି ଦିନ ହେଲା ବର୍ଷା ଜାରି ରହିଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ବୁଧବାର ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି)ଙ୍କ ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

ଏସ୍ଆରସିଙ୍କ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଏବଂ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି, ସେଠାକାର ପ୍ରଶାସନ ପରିସ୍ଥିତି ମୁକାବିଲା ପାଇଁ ସତର୍କ ରୁହନ୍ତୁ । ବର୍ଷା ଓ ବଜ୍ରପାତ ସମୟରେ ଲୋକେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ । ଜଳଭର୍ତ୍ତି ଥିବା ସ୍ଥାନକୁ ଯାଆନ୍ତୁ ନାହିଁ। ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ । ବର୍ଷା ପରେ ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତିଜନିତ ରିପୋର୍ଟ ପ୍ରସ୍ତୁତ କରନ୍ତୁ।

ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମବଙ୍ଗ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଜୁଲାଇ ୨୦୨୫ ବୁଧବାର







ମହତ୍ୱପୂର୍ଣ୍ଣ ଖଣିଜ ବିକାଶ ନିମନ୍ତେ କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ କପର ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ରରେ କୋଲ୍ ଇଣ୍ଡିଆର ମହାପ୍ରବନ୍ଧକ ସି.ଏସ୍. ସିଂହ ଏବଂ ହିନ୍ଦୁସ୍ତାନ କପର ଲିମିଟେଡ୍‌ର ମହାପ୍ରବନ୍ଧକ ବିନୋଦ କୁମାର ଗୁପ୍ତା ସ୍ୱାକ୍ଷର କରିଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍ ପ୍ରସାଦ, ନିର୍ଦ୍ଦେଶକ (ବିପଣନ ଏବଂ ବ୍ୟବସାୟ ବିକାଶ) ମୁକେଶ ଚୌଧୁରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ

# ପୁରୀ ରେଳଷ୍ଟେସନରେ ତୀର୍ଥ ଯାତ୍ରୀମାନଙ୍କ ପାଇଁ ବିସ୍ତୃତ ବ୍ୟବସ୍ଥା

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ପ୍ରଭୁ ଜଗନ୍ନାଥଙ୍କ ଏହି ମହାନ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କ ଆବଶ୍ୟକତା ପୂରଣ କରି, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ପୁରୀ ରେଳ ଷ୍ଟେସନ୍‌ରେ ବ୍ୟାପକ ବ୍ୟବସ୍ଥା କରଯାଇଛି । ଟ୍ରେନ୍‌ରେ ପୁରୀ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ସୁରକ୍ଷିତ, ସୁଗମ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଇଛି । ପୁରୀ ରେଳ ଷ୍ଟେସନ୍ ନିକଟରେ ତୀର୍ଥଯାତ୍ରୀମାନଙ୍କୁ ମାଗଣାରେ ଖାଦ୍ୟ ଏବଂ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯାଇଛି । ପୁରୀ ରେଳ ଷ୍ଟେସନ୍‌ରେ ଆଚ୍ଛାଦିତ ଆସନ କ୍ଷେତ୍ର ସହିତ ସମର୍ପିତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଏବଂ ମେଳା ସେଡ୍ ସ୍ଥାପନ କରାଯାଇଛି, ଯାହା ୨୫,୦୦୦ ତୀର୍ଥଯାତ୍ରୀଙ୍କୁ ସ୍ଥଗିତ କରିପାରିବ । ମେଳା ସେଡ୍‌ରେ ବିଭିନ୍ନ ଯାତ୍ରୀ ସୁବିଧା ଯଥା ଲାଇଟ୍, ଫ୍ୟାନ୍, କୁଲର, ମୋବାଇଲ୍ ଚାର୍ଜିଂ ପଏଣ୍ଟ, ଥଣ୍ଡା ପାନୀୟ ଜଳ କିଓସ୍କ, ମହିଳା ଏବଂ ପୁରୁଷମାନଙ୍କ ପାଇଁ ସମର୍ପିତ ଶୌଚାଳୟ ଏବଂ ସ୍ନାନାଗାର, ଏୟାର କଣ୍ଡିସନଡ୍ ପେଡ୍ ଲାଉଞ୍ଜ, ପ୍ରଦର୍ଶନୀ କ୍ଷେତ୍ର, ସେଲ୍ଫି ପଏଣ୍ଟ, କ୍ୟାଟରିଂ ଷ୍ଟଲ୍ ଏବଂ ସ୍ଥାନୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସହିତ



ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟସ୍ ଷ୍ଟଲ୍ ଅନ୍ତର୍ଭୁକ୍ତ । ତୀର୍ଥଯାତ୍ରୀଙ୍କ ଆର୍ଥିକ ଚାହିଦା ପୂରଣ କରିବା ପାଇଁ ମେଳା ସେଡ୍ ନିକଟରେ ଦୁଇଟି ମୋବାଇଲ୍ ଏଟିଏମ୍ ଉପଲବ୍ଧ କରାଯାଇଛି । ଜରୁରୀକାଳୀନ ଚିକିତ୍ସା ପାଇଁ, ଆମ୍ବୁଲାନ୍ସ ସେବା ସହିତ ପ୍ରାଥମିକ ଚିକିତ୍ସା ବୁଥ୍ ୨୪ ଘଣ୍ଟା କାର୍ଯ୍ୟ କରୁଛି । ବରିଷ୍ଠ ନାଗରିକ ଏବଂ ରୋଗୀଙ୍କ ସୁବିଧା ପାଇଁ ହ୍ୱିଲ୍ ଚେୟାର, ବ୍ୟାଟେରୀ ଚାଳିତ ଯାନ ଉପଲବ୍ଧ । ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ସମସ୍ତ ପ୍ଲାଟଫର୍ମର ବଫର ଏଣ୍ଡରେ "ସହାୟତା କିଓସ୍କ" ସ୍ଥାପନ କରାଯାଇଛି । ଅସାଧାରଣ ଭିଡ଼କୁ ଦୃଷ୍ଟିରେ ରଖି, ମେଳା ସେଡ୍ ଏବଂ ଟୁରିଷ୍ଟ କମ୍ପ୍ଲେକ୍ସରେ ୩୪ଟି ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର ସ୍ଥାପନ କରାଯାଇଛି । ଡିଜିଟାଲ୍ ଇଣ୍ଡିଆ ଆଡ଼କୁ ଏକ ପଦକ୍ଷେପ ସ୍ୱରୂପ, ଡିଜିଟାଲ୍ ପେମେଣ୍ଟ ପାଇଁ ସମସ୍ତ ଟିକେଟ୍ କାଉଣ୍ଟରରେ କ୍ୟୁ.ଆର୍.କୋଡ୍ ସ୍କାନର ଉପଲବ୍ଧ ଅଛି । ଟିକେଟିଂ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ, ଟିକେଟ୍ ଯାଞ୍ଚ ଜୋନ୍ ପ୍ରବେଶ କରିବା ପୂର୍ବରୁ, ସର୍କୁଲେଟିଂ ଅଞ୍ଚଳରେ, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଏବଂ ମୋବାଇଲ୍ ଟିକେଟିଂ ସିଷ୍ଟମ୍ ଉପଲବ୍ଧ କରାଯାଇଛି । ଅଣସଂରକ୍ଷିତ କାଗଜବିହୀନ ଟିକେଟ୍‌କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ, ECoR ଯାତ୍ରା ଆପ୍ ଏବଂ ୟୁଟିଏସ୍ ମୋବାଇଲ୍ ଆପ୍ ବ୍ୟବହାର କରିବା ପାଇଁ, ସଚେତନତା ସୃଷ୍ଟି କରାଯାଉଛି । ସୁରକ୍ଷା ବ୍ୟବସ୍ଥାକୁ ଯଥେଷ୍ଟ ମଜବୁତ୍ କରାଯାଇଛି । ପୁରୀ ରେଳ ଷ୍ଟେସନ୍ ଏବଂ ନିକଟବର୍ତ୍ତୀ ରେଳ ଷ୍ଟେସନ୍ ଯଥା ମାଳତୀପାଟପୁର, ସାକ୍ଷୀଗୋପାଳ, ବୀରପୁରୁଷୋତ୍ତମପୁର, ଡେଲାଙ୍ଗ ଷ୍ଟେସନ୍ ଏବଂ ନିକଟସ୍ଥ ଖଉ ଗେଟ୍ ଗେଟ୍‌ଗୁଡ଼ିକର ସମସ୍ତ ସ୍ଥାନ CC ଟିଭି ନଜରରେ ରଖାଯାଇଛି, ଯାହା ପୁରୀରେ ସ୍ଥିତ, ସର୍ବେକ୍ଷଣ ରୁମ୍‌ରେ ୨୪ ଘଣ୍ଟା ନଜର ରଖାଯାଉଛି । ଡ୍ରୋନ୍ ଏବଂ ସ୍ନିଫର୍ କୁକୁର ଦ୍ୱାରା ଆହୁରି ନିୟମିତ ଯାଞ୍ଚ ମଧ୍ୟ ଚାଲିଛି । ଯାତ୍ରୀଙ୍କ ପ୍ରବାହକୁ ସହଜ କରିବା ପାଇଁ ଉତ୍ସର୍ଗୀକୃତ ପ୍ରବେଶ ଏବଂ ପ୍ରସ୍ଥାନ ପଥ ତିଆରି କରାଯାଇଛି । RPF ଏବଂ GRP ବାହିନୀ ସହାୟତାରେ ପ୍ଲାଟ୍‌ଫର୍ମରେ ଯାତ୍ରୀଙ୍କ ସୁଗମ ପ୍ରବେଶ ପାଇଁ ବ୍ୟାରିକେଡିଂ ପ୍ରବେଶ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରଥଯାତ୍ରା ସମୟରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ମୋଟ୍ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହେଉଛି । ନୀଳାଦ୍ରି ବିଜେ ପୂଜା ସମାପ୍ତ ହେବା ପର୍ଯ୍ୟନ୍ତ ପୁରୀ ରେଳ ଷ୍ଟେସନ୍‌ରେ ଏହି ବିସ୍ତୃତ ବ୍ୟବସ୍ଥା ତୀର୍ଥଯାତ୍ରୀଙ୍କ ସେବା ପାଇଁ ଜାରି ରହିବ । ତୀର୍ଥଯାତ୍ରୀଙ୍କ କୌଣସି ପ୍ରକାରର ଅସୁବିଧାକୁ ଏଡାଇବା ପାଇଁ ଖୋର୍ଦ୍ଧା ରୋଡର ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ପୁରୀ ରେଳ ଷ୍ଟେସନ୍‌ର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ।

## ଆୟୁଷ୍ମାନ କାର୍ଡରେ ରୋଗୀ ସେବା ସମୟ ସାପେକ୍ଷ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଆଇଏମ୍ଏ ହାଉସ୍ ଠାରେ ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏସନ୍ ପକ୍ଷରୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ମାଲିକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଏସ୍‌କେୱାଇ କାର୍ଡ ଓ ନୂଆ ସରକାର ଲାଗୁ କରିଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଉପରେ ଏକ ବୈଠକରେ ଆଲୋଚନା କରାଯାଇଛି । ଆୟୁଷ୍ମାନ କାର୍ଡରେ ରୋଗୀ ସେବା ପାଇଁ ପଞ୍ଜିକରଣ ସମୟସାପେକ୍ଷ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ଏଥିସହିତ ରୋଗୀ ସେବା କରିବା ପରେ ହସ୍ପିଟାଲ୍‌ଗୁଡିକ ସେମାନଙ୍କର ବିଲ୍ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଡାକ୍ତର ତଥା ଘରୋଇ ହସ୍ପିଟାଲ୍ ମାଲିକମାନେ ମତ ଦେଇଛନ୍ତି । ଆଗକୁ ସରକାର ସମସ୍ତ କଥା ବିଚାର କରି ଆୟୁଷ୍ମାନ୍ କାର୍ଡକୁ ଆହୁରି ସହଜ, ସରଳ ଓ ଉପଯୋଗୀ କରିବେ ବୋଲି ଘରୋଇ ହସ୍ପିଟାଲ୍ ଆସୋସିଏସନ୍ ଆଶା ରଖିଛନ୍ତି ।



## ଲଗାଣ ବର୍ଷାରେ ଗଛ ପଡ଼ି ଯାତାୟାତ ଠପ୍

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ସନ୍ଧ୍ୟା ପ୍ରାୟ ୭.୩୦ ମିନିଟ୍ ସମୟରେ ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ଅନ୍ତର୍ଗତ ଜଲାପୁଟ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ୍ ନିକଟରେ ଏକ ବିଶାଳ କୃଷ୍ଣଚୂଡ଼ା ଗଛ ପଡ଼ି ବହୁ ସମୟ ଧରି ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା । ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଖବରପାଇ ନନ୍ଦପୁର ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ, ଫାୟରମ୍ୟାନ ରଞ୍ଜନ ମଲ୍ଲିକ, ପ୍ରକାଶ କିଶନ, ଦୁଃଖନାସନ ଖାଡିଆ, ଡ୍ରାଇଭର ଦିଲେଶ୍ୱର ସେଠିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସକାଳ ପ୍ରାୟ ୧୦ଟା ବେଳେ ଗଛ କାଟି ରାସ୍ତା ଅବରୋଧ ହଟାଇଥିଲେ ।

# ଡିଜେ ଗାଡ଼ି ଓଲଟି ନାବାଳକ ମୃତ୍ୟୁ:ମୁଖ୍ୟମନ୍ତ୍ରୀଙ୍କ ସମବେଦନା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମରେ ରଥଟଣା ସମୟରେ ଡିଜେ ଗାଡ଼ି ଓଲଟିପଡି ଦୁର୍ଘଟଣାରେ ୧୨ ବର୍ଷ ବୟସ୍କ ସୌମ୍ୟରଞ୍ଜନ ରାଉତଙ୍କ ମୃତ୍ୟୁର ତିନିଦିନ ପରେ ପ୍ରଶାସନ ତାଙ୍କ ଘରେ ପହଞ୍ଚିଛି । ଏହାସହ ମୃତକଙ୍କ ମା' ମଞ୍ଜୁଲତା ଖଟୁଆଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନ ୪ଟା ସମୟରେ ଧାମନଗର ତହସିଲଦାର ଲୋକନାଥ ପ୍ରସାଦ ସେଠୀ, ଅତିରିକ୍ତ ତହସିଲଦାର ସାଇ



ସିଲୋନା, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଗୋପାଳ କୃଷ୍ଣ ଜେନା ପ୍ରମୁଖ ମୃତ ନାବାଳକ ସୌମ୍ୟରଞ୍ଜନଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ମୃତକର ବିଧବା ମା' ମଞ୍ଜୁଲତା ଖଟୁଆ ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ନଗଦ ୨୫ ହଜାର ଟଙ୍କା ଅର୍ଥ ରାଶି ଏବଂ ୩ୟ ଶ୍ରେଣୀରେ ପଢୁଥିବା ଏକମାତ୍ର ସାନ ଭଉଣୀ ସୁଭିଲତା ରାଉତଙ୍କୁ ବାତ୍ସଲ୍ୟ ଯୋଜନାରେ ୧୮ ବର୍ଷ ପର୍ଯ୍ୟନ୍ତ ପାଠ ପଢା ଖର୍ଚ୍ଚ ପାଇଁ ମାସିକ ୪ ହଜାର ଟଙ୍କା ଦିଆଯିବ । ଏଥିସହ ଯଥା ସମ୍ଭବ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଶ୍ରୀ ସେଠୀ କହିଥିଲେ । ତେବେ ଉକ୍ତ ଦୁଃଖଦ ଘଟଣା ଖବର ପାଇ ରବିବାର ରାତି ୮ଟା ସମୟରେ ଧାମନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ଯୁବ ବ୍ୟାପାର, ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୃତ ବାଳକର ମା'କୁ ଭେଟି ସମବେଦନା ଜଣାଇଥିଲେ । ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଥାଉକି ଉକ୍ତ ଦୁଃଖଦ ଘଟଣା ବାରମ୍ବାର ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ଦିନରେ ସ୍ଥାନୀୟ ପ୍ରଶାସନ ଓ ରାତିରେ ମନ୍ତ୍ରୀ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସାହାଯ୍ୟ ପ୍ରଦାନ କରିଥିବାରୁ ସ୍ଥାନୀୟ ଲୋକମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଯୁବକଙ୍କୁ ପିଟିପିଟି ହତ୍ୟା, ଅଭିଯୁକ୍ତ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମରେ ମଦ୍ୟପାନ ପରେ ବଚସାକୁ କେନ୍ଦ୍ର କରି ଦୁଇ ଜଣ ଯୁବକ ହାତାହାତି ହୋଇଥିଲେ । ସନ୍ତୋଷ ପାତ୍ର ନାମକ ଯୁବକ ଏକ ଠେଙ୍ଗାରେ ଅନ୍ୟ ଜଣେ ଯୁବକଙ୍କୁ ଗାଁ ରାସ୍ତାରେ ପିଟି ପିଟି ହତ୍ୟା କରିଛନ୍ତି । ଖବରପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ୍‌କୁ ପଠାଇଛି । ଅନ୍ୟପକ୍ଷରେ ଅଭିଯୁକ୍ତ ସନ୍ତୋଷଙ୍କୁ ପୋଲିସ ଗିରଫ କରିଛି ।

## ଜଳ ନିଷ୍କାସନରେ ବାଧା:ଚିନ୍ତାରେ ଚାଷୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ପ୍ରଶସ୍ତିକରଣ ହେଉଥିବାରୁ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ରାସ୍ତା କଡରେ ମାଟି, ବାଲି, ଗୋଡି ଆଦି ପକାଇ ଜଳ ନିଷ୍କାସନ ବନ୍ଦ ଥିବାରୁ ଏନେଇ ଏକ ସମୀକ୍ଷା ବୈଠକ ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହପାତ୍ର, ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ଜାତୀୟ ରାଜପଥର ପିଡି ଶ୍ରୀ ବର୍ମା, ପରିଚାଳକ କୁର୍ମା ରାଓ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟିମ୍ କରି ପ୍ରଶସ୍ତି କରଣ ହେଉଥିବା ରାସ୍ତା ସମ୍ପୂର୍ଣ୍ଣ ପରିଦର୍ଶନ କରି ଜଳ ନିଷ୍କାସନ କିଭଳି ହୋଇପାରିବ ସେ ସମ୍ପର୍କରେ ୨ଦିନ ଭିତରେ ଦେଖିବାକୁ ସ୍ଥିର କରାଯାଇଛି । ପଞ୍ଚୁପାଣ୍ଡବ ଠାରୁ ଭୁତମୁଣ୍ଡଇ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ହୋଇନପାରିବାରୁ ହଜାର ହଜାର ଏକର ଚାଷଜମି ବୁଡି ରହିଛି । ଯାହାଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନ ପୂର୍ବରୁ ରାସ୍ତା କଡରୁ ମାଟି ଉଠାଇବା ସହିତ କିଭଳି ଚାଷଜମିରୁ ଜଳ ନିଷ୍କାସନ ହୋଇପାରିବ ତୁରନ୍ତ ତାହାର ବ୍ୟବସ୍ଥା କରିବା ପାଇଁ ଉପସ୍ଥିତ ଥିବା ବିଧାୟକ ମାନେ ଜାତୀୟ ରାଜପଥ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ସମସ୍ତ ତହସିଲଦାର ଓ ବିଡିଓଙ୍କ ସହ ମାର୍ଶାଘାଇ ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀ, ଆରଡିର ଅଧିକ୍ଷଣ ଯନ୍ତ୍ରୀ, ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା, ସହାରୀ ଯନ୍ତ୍ରୀ ପ୍ରମୋଦ କୁମାର ତରାଇ ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ପରିତ୍ୟକ୍ତ କୂଅରୁ ନିଖୋଜ ଯୁବକର ଗଳିତ ଶବ ଉଦ୍ଧାର

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ଉପକଣ୍ଠସ୍ଥ ବନ୍ଦ ହୋଇ ପଡ଼ିଥିବା ନିଲାଞ୍ଚଳ ସିମେଣ୍ଟ ଫ୍ୟାକ୍ଟ୍ରି ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଏକ ଗଳିତ ଶବ ରବିବାର ପୋଲିସ ଉଦ୍ଧାର କରିଛି । ମିଳିତ ସୂଚନା ଅନୁସାରେ କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର କୁଞ୍ଜ ମାଝି (୧୯) ଯୁବକଟି ଗତ ୨୦ ତାରିଖ ରାତିରୁ ଖାଉଥିବା ବେଳେ ଏକ ଫୋନ୍ କଲ୍ ପାଇ ଘରୁ ଚାଲିଯାଇଥିଲା । ଘରୁ ଗଲା ପରେ ଫେରିନଥିଲା । ଖୋଜା ଖୋଜି ପରେ ନପାଇବାରୁ ତାର ମା' ଚୁକ୍ତି ମାଝି ପୁଅର ନିଖୋଜ ନେଇ ୨୧ ତାରିଖ ଦିନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା । ନିଖୋଜକୁ ନେଇ ଚୁକ୍ତି ମାଝିଙ୍କ ଅଭିଯୋଗ ଉପରେ ପୋଲିସ କେସ୍ ନଂ. ୩୫/୨୦୫ ନିଖୋଜ ମାମଲା ରୁଜୁ କରିଥିଲା । ମାଆର ଲିଖିତ ଅଭିଯୋଗ ଉପରେ ପୋଲିସ ଖୋଜାଖୋଜି କରିବାରେ ରବିବାର ଦିନ ସିମେଣ୍ଟ ଫ୍ୟାକ୍ଟ୍ରି ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଏକ ଗଳିତ ଶବ ଭାସୁଥିବା ଖବର କୁଞ୍ଜ ଅଜା ପାଇ ପୋଲିସକୁ



ଜଣାଇଥିଲେ । ଏହାପରେ ପୋଲିସ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲା । ବଲାଙ୍ଗିର ସାଇଣ୍ଟିଫିକ୍ ଟିମ୍, ଅଗ୍ନିଶମ ବିଭାଗ କଣ୍ଟାବାଞ୍ଜି ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ବିଶ୍ୱନାଥ ଖାଲକୋଙ୍କ ଉପସ୍ଥିତିରେ ଗଳିତ ଶବକୁ କୂଅରୁ ଉଦ୍ଧାର କରିଥିଲେ । ପରିବାର ଲୋକେ ଶବକୁ ଚିହ୍ନଟ ପରେ ହତ୍ୟା ଅଭିଯୋଗ ଆଣିଛନ୍ତି । ଗଳିତ ଶବକୁ ସରକାରୀ ଡାକ୍ତରଖାନାରେ ସୁରକ୍ଷିତ ରଖାଯାଇଛି ଯାହା ସୋମବାର ଦିନ ସକାଳେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣା ଉପରେ ପୋଲିସ ଥାନାରେ ଏକ ମାମଲା (କେସ୍ ନଂ. ୨୩୧/୨୦୨୫) ଦଫା ୧୦୩(୧) ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ବେଳେ ଡୁମେରଚୁଆଁ ଗ୍ରାମର ୩ ଜଣକୁ ଅଟକ ରଖି ଅଧିକ ଅନୁସନ୍ଧାନ ଜାରି ରହିଥିବା ଅନୁସନ୍ଧାନ ଅଧିକାରୀ ଆଇଆଇସି ରଶ୍ମିତା ବେହେରାଙ୍କ ଠାରୁ ପ୍ରକାଶ । ପ୍ରକାଶ ଥାଉକି ମୃତକ କୁଞ୍ଜ ଡୁରେକେଲା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ର ଦ୍ୱିତୀୟ ବର୍ଷର ଛାତ୍ର ହୋଇଥିବା ବେଳେ ତାର ବାପା ହେମନ୍ତ ମାଝି ଏକ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଛି । ବିଧବା ମାଆର କୁଞ୍ଜ ଏକମାତ୍ର ପୁତ୍ର ସାହାରା ଥିଲା । ପୁଅର ମୃତ୍ୟୁରେ ବିଧବା ବେସାହାରା ହୋଇଥିବା ବେଳେ ଏହି ଘଟଣା ଉପରେ ଗ୍ରାମବାସୀ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ସହ ବିଧବା ମାଆକୁ ସରକାରୀ ସାହାଯ୍ୟ ପାଇଁ ଦାବି ଜଣାଇଛନ୍ତି ।

## ବିଷାକ୍ତ ଛତୁ ଖାଇ ୮ ଜଣ ଅସୁସ୍ଥ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ସାତୁଳି ଗ୍ରାମର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୮ ଜଣ ଅସୁସ୍ଥ ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ବିଲରେ ଫୁଟିଥିବା ଛତୁ ଆଣି ଘରେ ସମସ୍ତେ ଖାଇଥିଲେ । ଖାଇବା ପରେ ଅସୁସ୍ଥ ଅନୁଭବ କରିବା ପରେ ୮ ଜଣଙ୍କୁ ପ୍ରଥମେ ନିକଟସ୍ଥ ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ୍ ସ୍ଥାନାନ୍ତର କରାଯାଇଛି । ସୁରଥ ସାହୁ, ସୁଶାନ୍ତି ସାହୁ, ଅମର ସାହୁ, ରାଜା ସାହୁ, ବିପନା ସାହୁ, ସୁଇଟି ସାହୁ, ସପନା ସାହୁ, ସୁକୁରୁ ସାହୁ ପ୍ରମୁଖ ଆକ୍ରାନ୍ତ ହୋଇଛନ୍ତି । ସେମାନେ ବିଲରୁ ଛତୁ ଆଣି ରୋଷେଇ କରି ଖାଇଥିଲେ । ପରେ ସମସ୍ତେ ଅସୁସ୍ଥ ହେବା ସହ ବାନ୍ତି ହୋଇଥିଲା । ତୁରନ୍ତ ସେମାନଙ୍କୁ ନିକଟସ୍ଥ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଦୁଇଟି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡିକାଲ୍ ସ୍ଥାନାନ୍ତର କରାଯାଇଛି । ସେଠାରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି ।




## ଜନତାଙ୍କ ସମସ୍ୟା ସମାଧାନ କରିବାକୁ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୭।୨୦୨୫, ଆଷାଢ଼ ଦି୧୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୧।୪୭** **ଚନ୍ଦ୍ରୋଦୟ- ଦିଘ ୧୧।୨୩।୦୬**

**ସପ୍ତମୀ-** ଦିଘ ୧୧।୫୯ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର-** ଦିଘ ୧୧।୦୮ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୧।୫୯ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୪ ଗତେ ଘ ୮।୩୩ ମଧ୍ୟେ, ଦିଘ ୨।୦୩ ଗତେ ଘ ୫।୩୩ ମଧ୍ୟେ ।

**ମେଷ:** କର୍ମକ୍ଷେତ୍ରରେ ବିରକ୍ତିଭାବ ପ୍ରକାଶ ପାଇବ । ସାମାଜିକ ସ୍ତରରେ ମାନହାନୀର ସୂଚନା । ପାରିବାରିକ କ୍ଷେତ୍ରରେ କଳହ ଦେଖାଦେବ । ଆୟ ସ୍ଥିର ରହିବ । ମନରେ ଦୁର୍ଭାବନା ଜାତ ହେବ । ମନ ଅସ୍ଥିର ରହିବ ।

**ବୃଷ:** କର୍ମକ୍ଷେତ୍ରରେ ଶାରୀରିକ ତ୍ରୁଟି ଦେଖାଦେବ । କାର୍ଯ୍ୟହାନୀର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଯାତ୍ରାରେ ଅସଫଳ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବନାହିଁ ।

**ମିଥୁନ:** ଗୁରୁତର ଭାବରେ କର୍ମକୁ ଆଦରି ନେବେ । ପରିଶ୍ରମର ପରିମାଣ ବଢ଼ିବ । ସହକର୍ମୀମାନେ ଆପଣଙ୍କ ଠାରୁ ଦୂରେଇ ରହିବେ । ଦୂରଯାତ୍ରାରେ ସଫଳତା ଦେଖାଦେବ । ଗୃହେ ଶାନ୍ତି ଲାଭ । ରୋଜଗାର ସ୍ଥିର ରହିବ ।

**କର୍କଟ:** ଅଯଥା ଦୁଶ୍ଚିନ୍ତା ଓ ଅପବ୍ୟୟ ଯୋଗ ରହୁଛି । ଯାନବାହାନ ଯାତ୍ରା ପାଇଁ ଆଜି ଦିନଟି ଭଲ ନୁହେଁ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ବ୍ୟୟର ମାତ୍ରା ଅଧିକ ହେବ ।

**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବାର ସୂଚନା । ବନ୍ଧୁଙ୍କ ସହଯୋଗ ମଧ୍ୟ ମିଳିବ । ଦୂରଯାତ୍ରା ସଫଳ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଅଶାନ୍ତି ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**କନ୍ୟା:** ରୋଜଗାରର ପରିମାଣ ସ୍ଥିର ରହିବ । ଠକାମିର ଶିକାର ହୋଇପାରନ୍ତି । ବିତିଯାଇଥିବା କଥା ମନେ ପକାଇ ଦୁଃଖିତ ଓ ଅନୁତପ୍ତ ହେବେ । ବହୁ ସମୟ ଅନ୍ୟମନସ୍କ ରହିବେ । ପାରିବାରିକ ସହଯୋଗ ମନକୁ ଆନନ୍ଦ ଦେବ ।

**ତୁଳା:** କର୍ମକ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଅଭୁଲା ହେବ । ଦେହ ଭଲ ରହିବ । ଆସ୍ୱସ୍ତିର ସୁଖ ଅନୁଭବ କରିବେ । ଆୟ ସ୍ଥିର ରହିବ । ଘରେ ଆପଣଙ୍କୁ ଆଦର କରିବେ । ମହିଳାମାନେ ସୁଖୀ ହେବେ ।

**ବିଛା:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ଲାଭ କରିବେ । ନିସ୍ୱାର୍ଥ ସ୍ୱଭାବର ପରିପ୍ରକାଶ ହେବ । ରୋଜଗାରର ପରିମାଣ ବଢ଼ିବ । ଗୃହରେ ସୁସ୍ଥତା ଅନୁଭବ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।

**ଧନୁ:** ମନରେ ଭକ୍ତିଭାବ ଜାତ ହେବ । ସେବା ପୂଜା ପ୍ରତି ମାନସିକତା ଆସିବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ମଧ୍ୟମ ହେବ । ଦୂରଯାତ୍ରା କରିବେ । ମହିଳାମାନେ ସୁଖୀ ହେବେ । ଗୃହେ ଆନନ୍ଦ ।

**ମକର:** ଆଜି ଆପଣଙ୍କ ଦିନଟି ସେତେ ଭଲ ନୁହେଁ । ଏଣୁ ଟିକେ ସାବଧାନ ରହିବେ । ରୋଜଗାରରେ ବାଧା ଉପୁଜିପାରେ । ପରିଶ୍ରମରେ ସଫଳତା ହାସଲ କରିବେ । ପାରିବାରିକ କଳହର ସୂଚନା ରହୁଛି ।

**କୁମ୍ଭ:** ବନ୍ଧୁ ଦର୍ଶନ ଯୋଗୁ ସୁଖ ସନ୍ତୋଷ ଲାଭ ହେବ । ସାହାଯ୍ୟ ସହଯୋଗ ପାଇ ଆଗେଇ ଚାଲିବେ । ଦେହ ଓ ମନରେ ଶାନ୍ତି ବିରାଜମାନ କରିବ । ଆୟ ଉତ୍ତମ ହେବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ମୀନ:** ଜିଦ୍‌ଖୋର୍ ହେବେ । ବନ୍ଧୁ ବାନ୍ଧବଙ୍କ ପ୍ରତି ସ୍ୱଭାବରେ ପରିବର୍ତ୍ତନ ଘଟିବ । ଅହଙ୍କାର ପ୍ରକାଶ ପାଇବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୭।୨୦୨୫, ଆଷାଢ଼ ଦି୧୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୨।୦୬** **ଚନ୍ଦ୍ରୋଦୟ- ଦିଘ ୧୨।୧୧।୧୪**

**ଅଷ୍ଟମୀ-** ଦିଘ ୨।୦୭ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ଦିଘ ୧।୫୧ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ରାଘ ୩।୧୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୩।୧୯ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । ରାଘ ୩।୧୯ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୨।୦୭ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୦୯ ମଧ୍ୟେ, ଦିଘ ୯।୩୯ ଗତେ ଘ ୧୧।୨୫ ମଧ୍ୟେ । **ପର୍ବୋତ୍ସବ-** ପରଶୁରାମାଷ୍ଟମୀ, ନବମୀ ସନ୍ଧ୍ୟା ଦର୍ଶନ ।

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ଯୁଦ୍ଧର ନିଆଁ କରୁଛି ବାଣିଜ୍ୟକୁ ପ୍ରଭାବିତ

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି। ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି। କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି। ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା। ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି। ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ। ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ। ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ। ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି। ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି। ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି। ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ। କେବଳ ୨୦୨୪-୨୫ରେ ଭାରତ ପ୍ରାୟ ୬୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ମଧ୍ୟରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଦେଶଗୁଡ଼ିକୁ ଯାଇଛି। ପ୍ରମୁଖ ଗ୍ରାହକ ଦେଶଗୁଡ଼ିକ ମଧ୍ୟରେ ସାଉଦି ଆରବ, ଇରାନ, ଇରାକ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ରହିଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଯୁଦ୍ଧର ନିଆଁ କେବଳ ସୀମା ପର୍ଯ୍ୟନ୍ତ ପହଞ୍ଚେ ନାହିଁ, ବରଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରେ। ଭାରତର ବାସୁମତୀ ଚାଉଳ ରପ୍ତାନିକାରୀମାନେ ଏହି ସମୟରେ ଦ୍ୱିଗୁଣିତ ଆଘାତର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ପରିବହନ ଏବଂ ବୀମା ସମସ୍ୟା ରହିଛି, ଅନ୍ୟପଟେ ଘରୋଇ ବଜାରରେ ମୂଲ୍ୟ ହ୍ରାସ ଏବଂ ଦେୟ ସଙ୍କଟ ରହିଛି। ଯଦି ଆଗାମୀ ସପ୍ତାହଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ଭାରତର ଚାଉଳ ଶିଳ୍ପ ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ।

# ବଡ଼ଲୋକଙ୍କୁ ଉତ୍ତର ନାହିଁ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କଥାରେ ଅଛି ସୃଷ୍ଟିକର୍ତ୍ତା ବ୍ରହ୍ମା ନିଦ୍ରାରେ ଥିବାବେଳେ ଯଦି ବିଳିବିଳେଇ ହୋଇ ଉଠନ୍ତି ସେହି ସବୁ କଥାକୁ ବେଦବାକ୍ୟ ସଦୃଶ ମାନି ନିଆଯାଇ ଥାଏ। କାରଣ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସେ ହେଉଛନ୍ତି ସୃଷ୍ଟି କର୍ତ୍ତା। ସେଥିପାଇଁ ଏହିଭଳି ଲୋକକଥା ସମାଜରେ ଆଜି ବି ପ୍ରଚଳିତ। ସେହିଭଳି ବହୁ ପାଣ୍ଡିତ୍ୟର ଅଧିକାରୀଭାବେ ଡିଣ୍ଡିମ ପିଟି ଆସୁଥିବା କେତେକ ବୟସ୍କ ବ୍ୟକ୍ତିମାନଙ୍କର ସେହିଭଳି ଆଚରଣମାନ ଦେଖିବାକୁ ମିଳିଥାଏ। ଅର୍ଥାତ୍ ସେମାନେ ଯଦି ଭୁଲ୍ କହିଲେ ତାକୁ ଠିକ୍ ବୋଲି ମାନିବାକୁ ହିଁ ପଡ଼ିବ। ଯାହାକି ସାଂସ୍କୃତିକ ଚେତନା ତଥା ପରମ୍ପରାରେ ଅନ୍ୟଏକ ବାଧକ ସାଜିଛି। ବୟସ୍କଙ୍କୁ ସମାଜରେ ଯଥେଷ୍ଟ ସମ୍ମାନ ଦିଆଯାଇଥାଏ। ତେଣୁ ସେମାନଙ୍କ ଆଚରଣ ଓ କଥା କହିବାର ଶୈଳୀ ମଧ୍ୟ ସେହିଭଳି ଲୋକକଲ୍ୟାଣ ତଥା ସମାଜକୁ ଦିଗ୍‌ଦର୍ଶନ ଦେବାର କଥା। ମାତ୍ର ତା ନହୋଇ ସେମାନେ ଉଦ୍ଦିଷ୍ଟ ଲକ୍ଷଣ ରେଖାକୁ ଅତିକ୍ରମ କରିବାରେ ଆଦୌ ସଙ୍କୋଚବୋଧ କରିନଥାନ୍ତି।

ନିଜ ଢୋଲ ନିଜ ବେକରେ ପକାଇ ଦାଣ୍ଡରେ ପିଟୁଥିବା ସେହିଭଳି ମହାପଣ୍ଡିତମାନେ ଜନସଭାମାନଙ୍କରେ ବକ୍ତୃତା ଦେବା ଛଳରେ ବହୁ କଥା କହିଥାନ୍ତି। ସେହିଭଳି ଜଣେ ବ୍ୟକ୍ତି ଅତୀତରେ କହିଥିଲେ ଯେ ଅନ୍ତରୀକ୍ଷ ଯାତ୍ରୀମାନେ ସେମାନଙ୍କ ଯାନରେ ବସି ପୃଥିବୀର ବଳୟ ବାହାରେ ପରିକ୍ରମା କରୁଥିବାବେଳେ ଦେଖିଲେ ଯେ ଗୋଟିଏ ସ୍ଥାନରୁ ନୀଳ ଆଲୋକର ଛଟା ମହାକାଶରେ କାହିଁ କେଉଁଆଡ଼େ ଲମ୍ବି ବିଲୀନ ହୋଇଯାଉଛି। ଏପରି ଚମତ୍କାରକୁ ନିରୀକ୍ଷଣ କରିବା ପରେ ସେମାନେ ସମାଧାନରେ ପହଞ୍ଚିଲେ ଯେ ତାହା କୁଆଡ଼େ ପୁରୀର ନୀଳାଚଳ ପୀଠରୁ ହିଁ ଆସୁଛି। ଏକଥା କୁଆଡ଼େ ପ୍ରକାଶ ପାଇଥିଲା ଆମେରିକା ସରକାରଙ୍କ ଦ୍ୱାରା ପ୍ରକାଶିତ ସେତେବେଳର 'ସ୍ୱାନ୍' ପତ୍ରିକାରେ। ପତ୍ରିକାଟି କେବେ ପ୍ରକାଶ ପାଇଥିଲା ତାହାର ସଂଖ୍ୟା ଓ ବର୍ଷ ଇତ୍ୟାଦି ମଧ୍ୟ ସଭାରେ ସେ ଘୋଷଣା କରିଦେଲେ। କେତେକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତ ଏହି ପତ୍ରିକାକୁ ଖୋଜିବାରେ ଲାଗିଗଲେ। ମାତ୍ର ଦେଖିଲା ବେଳକୁ ସେପରି ସଂଖ୍ୟାର 'ସ୍ୱାନ୍' ପତ୍ରିକା ଆଦୌ ପ୍ରକାଶ ପାଇନାହିଁ। ସେ ସମ୍ପର୍କରେ ପଣ୍ଡିତ ମହାଶୟଙ୍କୁ ଟେଲିଫୋନ୍‌ରେ ପଚାରିବାରୁ ଉତ୍ତର ମିଳିଲା ଯେ ତାହା ଥିଲା କୁଆଡ଼େ ସଂପୃକ୍ତ ପତ୍ରିକାର ଏକ ସ୍ୱତନ୍ତ୍ର ସଂଖ୍ୟା। ଆଉ ବି ଭୁବନେଶ୍ୱରରେ ତାହା ମିଳୁନାହିଁ। ନଦିଆ ନବଦ୍ୱୀପରେ ଥିବା ଇସ୍‌କନ୍ ସଂସ୍ଥାର ମୁଖ୍ୟାଳୟ ପାଠାଗାରରେ ତାହା ରହିଥିବା ତାଙ୍କ ଉତ୍ତରରେ କହିଥିଲେ। ସେତେବେଳେ ଇସ୍‌କନ୍‌ର ଓଡ଼ିଶା ଶାଖାର ମୁଖ୍ୟ ଥିଲେ ପୂଜ୍ୟ ଗୌରଗୋବିନ୍ଦ ସ୍ୱାମୀ ମହାରାଜ। ତାଙ୍କ କାନକୁ କଥାଟା ଗଲା। ସେ ମଧ୍ୟ ଏପରି କଥାରେ ବିସ୍ମିତ ହୋଇ ପତ୍ରିକାର ଅସ୍ତିତ୍ୱ ସଂପର୍କରେ ନଦିଆସ୍ଥିତ ଇସ୍‌କନ୍ ମୁଖ୍ୟାଳୟ ପାଠାଗାରର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ଜାଣିପାରିଲେ ଯେ ଏପରି ପତ୍ରିକାର ପ୍ରକାଶନ ସେମାନଙ୍କ ପାଖରେ ନାହିଁ। ତାହା ପରେ କଲିକତାସ୍ଥିତ ଆମେରିକାର ବାଣିଜ୍ୟ ଦୂତାବାସକୁ ପଚାରିବାରୁ ଜଣାପଡ଼ିଲା ଯେ ଏପରି ଲେଖା 'ସ୍ୱାନ୍'ରେ ଆଦୌ ବାହାରି ନାହିଁ କି ତାହାର ସ୍ୱତନ୍ତ୍ର ସଂଖ୍ୟା ଆଦୌ ପ୍ରକାଶ ପାଏ ନାହିଁ ଇତ୍ୟାଦି ବହୁ କଥା। ତେଣୁ ଯେଉଁମାନେ ଏସଂପର୍କରେ ତଥ୍ୟ ସଂଗ୍ରହ କରୁଥିଲେ ସେମାନେ ନିରବ ହୋଇଗଲେ। ଏହା ସଂପର୍କରେ ଅଧିକ କହିବାକୁ ସ୍ୱାମୀ ମହାରାଜ ବର୍ତ୍ତମାନ ଆଉ ଇହ ଜଗତରେ ନାହାନ୍ତି। ପୁଣି ସେହିପରି ଜଣେ ପଣ୍ଡିତଙ୍କର ଆହୁରି ଏକ ଚାଞ୍ଚଲ୍ୟକର ପ୍ରବନ୍ଧ ୨୦୦୩ ମସିହାର ଦୈନିକ ଖବର କାଗଜ 'ସମାଜ'ରେ ପ୍ରକାଶ ପାଇଥିଲା ଯେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଷୟ ଋକ୍ ବେଦରେ ରହିଛି। ଶ୍ଳୋକଟି ହେଲା -

"ଯତ୍ର ଦେବୋ ଜଗନ୍ନାଥୋ ଦକ୍ଷିଣସ୍ୟ ମହୋଦଧେଃ। ବଳଭଦ୍ର ସୁଭଦ୍ରା ଚ ତତ୍ର ମାମୃତଂକୃ ଧୀତ୍ୟୁକ୍ତମପି। ତେନ ଶ୍ରୌତମିଦଂ କ୍ଷେତ୍ରମେତତ୍ ପାଦ୍ମେ ସୁକ୍ଷ୍ମମ୍।" ଅର୍ଥାତ୍ ଦକ୍ଷିଣ ମହୋଦଧି ତୀରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରହିଛନ୍ତି। ସେଠାରେ ମୋତେ ଅମୃତ କରିଦିଅ। ଋକ୍ ବେଦର କେଉଁ ଅଂଶରୁ ଏହା ଆସିଛି ତାହା ସେଥିରେ ଉଲ୍ଲେଖ ନଥିଲା। ଅନୁସନ୍ଧାନ ପରେ ଏପରି କୌଣସି ଲେଖାର ଅସ୍ତିତ୍ୱ ଋକ୍‌ବେଦରେ ଥିବାର ଜଣାପଡ଼ିଲା ନାହିଁ। ତେବେ ସେତେବେଳେ ପଣ୍ଡିତ ମହାଶୟଙ୍କର ଏହିଭଳି ଚମକପ୍ରଦ ତଥ୍ୟମାନଙ୍କର ଉପସ୍ଥାପନା କରିବାର ଉଦ୍ଦେଶ୍ୟ କ'ଣ ଥିଲା ତାହା ଜାଣି ହେଲାନାହିଁ। ଋକ୍‌ବେଦ ପୃଥିବୀର ସବୁଠାରୁ ପୁରାତନ ଗ୍ରନ୍ଥ। ଆମେ ଓଡ଼ିଆମାନେ ପଣ୍ଡିତ ମହୋଦୟଙ୍କର ଏପରି ତଥ୍ୟର ଉପସ୍ଥାପନା ଶୁଣି ବେଶ୍ ଖୁସି ହେଲୁ ଯେ ଯାହାହେଉ ଆମର ଜାତୀୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁ ହିଁ ପୃଥିବୀର ସର୍ବ ପୁରାତନ ବିଗ୍ରହ। ମାତ୍ର ଋକ୍‌ବେଦର ମୂଳରୁ ଶେଷ ଯାଏ ଲେଉଟାଇ ଦେଖିଲୁ ଯେ ଏପରି କଥାର ଲେଶ ମାତ୍ର ଚିହ୍ନ କେଉଁଠାରେ ମିଳିପାରିଲା ନାହିଁ।

ସବୁଲୋକେ ବହି ଖୋଜିବେ ନାହିଁ କି କଥାର ସତ୍ୟତା କ'ଣ ତାହା ଜାଣିବା ନିମନ୍ତେ ଆଗଭର ହେବେ ବି ନାହିଁ। ତେବେ ଏପରି ପ୍ରଚାରରେ ଜାତିର ସଂସ୍କୃତି ପ୍ରତି ସେମାନଙ୍କର ଆକୃଷ୍ଟତା ନିଶ୍ଚିତ ଭାବରେ ବଢ଼ିଯିବ। କାଞ୍ଚିକାବେରୀ ଗଳ୍ପରେ ଉତ୍କଳର ଗଜପତି ସମ୍ରାଟ ପୁରୁଷୋତ୍ତମଦେବଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର କଳାଧଳା ଘୋଡ଼ାରେ ଯୁଦ୍ଧ ପାଇଁ ଯାଇଥିବା ଗପରେ ଓଡ଼ିଶାର ଇତିହାସ, ସାହିତ୍ୟ ଓ କାବ୍ୟକବିତାଗୁଡ଼ିକ ସତତ ମୁଖରିତ। ହୁଏତ ଏପରି ଗଳ୍ପ ତାମିଲ ଇତିହାସ ବା ସାହିତ୍ୟରେ ଆଦୌ ନାହିଁ ବରଂ ଏପରି ଗଳ୍ପ କହିଲେ ତାମିଲମାନେ ଏହାକୁ ଭିନ୍ନ ମୋଡ଼ରେ ନେଇଥାନ୍ତି ଓ ଏଥିରେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କୁ କାଞ୍ଚି ଯୁଦ୍ଧ ପାଇଁ ଯିବାବେଳେ ତାଙ୍କୁ ଦେଖିଥିଲେ କେବଳ ମାଣିକ ଗୋପାଳୁଣୀ। ସନ୍ତକ ମଧ୍ୟରେ ଥିଲା ମହାପ୍ରଭୁଙ୍କ ମୁଦ୍ରିକା। କେତେକ ଅବଶ୍ୟ ଗଳ୍ପଟିର ସତ୍ୟତା ଉପରେ ସନ୍ଦେହ କରଥାନ୍ତି। ତେବେ ସେତେବେଳର କେନ୍ଦୁଝରର ରାଜାଙ୍କର ସହାୟତାରେ ଏପରି ନାଟକ କରାଯାଇଥିଲା ବୋଲି କୁହାଯାଇଥାଏ। ମାତ୍ର ସତ୍ୟତାର କୌଣସି ଐତିହାସିକ ତଥ୍ୟ ନାହିଁ। ଉତ୍କଳାଧିପତି ପୁରୁଷୋତ୍ତମଦେବ ହିଁ ସୈନ୍ୟମାନଙ୍କର ଯୁଦ୍ଧ ମନୋବଳ ବଢ଼ାଇବା ନିମନ୍ତେ ଏପରି ଘଟଣାର ସୃଷ୍ଟି କର୍ତ୍ତା ବୋଲି କେତେକ ଯୁକ୍ତି କରିଥାନ୍ତି। ଗଜପତି ସିନା ନିଜ ଦେଶ ରକ୍ଷା ବା ଦେଶ ବିଜୟ ନିମନ୍ତେ ଏପରି କଥା ସୃଷ୍ଟି କରିଥିଲେ ମାତ୍ର ପଣ୍ଡିତ ମହାଶୟ ଏପରି ଗପ ସୃଷ୍ଟି କରିବାର କାରଣ କ'ଣ ଥିଲା? ଯାହାହେଉ ଏଭଳି ଗଳ୍ପ ସବୁର ସୃଷ୍ଟିରେ ଓସ୍ତାଦ୍ ଥିବା ସେହି ପଣ୍ଡିତ ମହାଶୟଙ୍କୁ ସାବାସ୍ ଦେଇ ରହିହେଉ ନାହିଁ। ଓଡ଼ିଆମାନଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ସୃଷ୍ଟି କରିବାରେ ସେମାନେ ହିଁ ଯଥାର୍ଥରେ ଚତୁର ବ୍ୟକ୍ତି। ଏହିଭଳି ପାଣ୍ଡିତ୍ୟ ଦେଖାଉଥିବାରୁ ସେମାନେ ମଧ୍ୟ ସମାଜରେ ସ୍ୱୀକୃତି ପାଇ ସାରିଛନ୍ତି। ବିଭିନ୍ନ ସାଂସ୍କୃତିକ ସଭାମାନଙ୍କରେ ଭାଷଣମାନ ଦେବାକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ। ସେଥିପାଇଁ ମୁଲ୍‌ଚାଲ୍ ବି ହୁଏ। ସମ୍ଭବତଃ ଯେତେ ସଭାମାନଙ୍କୁ ତାଙ୍କୁ ଡକା ଯାଇଥାଏ ସେଠାରେ ଗୋଟିଏ ଲେଖା ନୂଆ କଥାର ଉପସ୍ଥାପନା ସେ ତାଙ୍କଆଡୁ କରିଥାନ୍ତି। ବହୁ ତାଳି ଓ ଜୟ ଜୟାକାର ସଭା ମଉଳି ଯାଇଥାଏ।

ବହୁ ଦିନର ଘଟଣାଟିଏ ଏଠାରେ ଉପସ୍ଥାପନା କରିବାକୁ ପଡୁଛି। ପ୍ରାୟ ଷାଠିଏ ଦଶର କଥା। ରାଉରକେଲା ସେତେବେଳେ ପ୍ରାୟତଃ ଗଢ଼ା ସରିଥିଲା। ସେଠାରେ ଥିବା ଓଡ଼ିଆମାନଙ୍କ ମଧ୍ୟରେ ସାଂସ୍କୃତିକ ଐକ୍ୟର ଚେତନା ସୃଷ୍ଟି କରିବା ନିମନ୍ତେ କେତେକ ଯୁବକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀର ଆୟୋଜନ କରିଥିଲେ। ଏହିଭଳି ଜଣେ ପଣ୍ଡିତଙ୍କୁ ନେବା ପାଇଁ ସେମାନେ ଭୁବନେଶ୍ୱର ଆସି ତାଙ୍କୁ ନିମନ୍ତ୍ରଣ ବି କଲେ। ଯିବାଆସିବା ଗସ୍ତ ଖର୍ଚ୍ଚ ସହ ଭାଷଣ ଦେବା ନିମନ୍ତେ ପାରିଶ୍ରମିକ ବି ଛିଣ୍ଡିଥିଲା। ଆଉ ନିମନ୍ତ୍ରିତ ପଣ୍ଡିତ ମହାଶୟ ଯଥା ସମୟରେ ରାଉରକେଲାରେ ପହଞ୍ଚି ଗଲେ। ମାତ୍ର ସଭା ମଞ୍ଚକୁ ଯିବା ପୂର୍ବରୁ ଚୁକ୍ତି ଛଡ଼ା ଆହୁରି ଅଧିକ ପାଞ୍ଚଶତ ଟଙ୍କା ସେ ନେବା ପାଇଁ ସେଠାରେ ଦାବି କରିଥିଲେ। ସେତେବେଳେ ପାଞ୍ଚଶତ ଟଙ୍କା କହିଲେ ବହୁ ଅଧିକ। କର୍ମକର୍ତ୍ତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ଏଣେ ସଭାରେ ଲୋକଭିଡ଼ ବି ଜମି ଆସିଲାଣି। ତେଣେ ପଣ୍ଡିତ ମହାଶୟ କରିଥିବା ଚୁକ୍ତି ଠାରୁ ଅଧିକ ଟଙ୍କା ଦାବିକରି ମଞ୍ଚକୁ ଉଠୁନାହାନ୍ତି। ଉଦ୍ୟୋକ୍ତାମାନେ କରିବେ କ'ଣ? ଉତ୍ସବ ନହେଲେ ଲୋକମାନେ ଗଣ୍ଡଗୋଳ ନିଶ୍ଚୟ ଆରମ୍ଭ କରିଦେବେ। ସେତେବେଳେ ଥିଲା ସନ୍ଧ୍ୟା ସମୟ। ଶେଷରେ ଜଣେ ଉଦ୍ୟୋକ୍ତା ତାଙ୍କ ସ୍ତ୍ରୀଙ୍କର ଅଳଙ୍କାର ଗହଣା ଦୋକାନରେ ତୁରନ୍ତ ବନ୍ଧା ଦେଇ ଟଙ୍କା ଆଣି ପଣ୍ଡିତ ମହାଶୟଙ୍କୁ ଦେବାରୁ ସେ ମଞ୍ଚ ଉପରକୁ ଉଠି ନିଜ ସ୍ୱଭାବସୁଲଭ ଭଙ୍ଗିରେ ପ୍ରଥମେ ପାଲା ଗାଇବା ପରେ ଭାଷଣ ଦେଇଥିଲେ। ରାଉରକେଲାର ସେତେବେଳର ସେହି ସାହିତ୍ୟିକ ବନ୍ଧୁମାନେ ଏପରି କଥାରେ ଏତେ ଭାଙ୍ଗି ପଡ଼ିଲେ ଯେ ପରବର୍ତ୍ତୀ କାଳରେ ଆଉ ସାହିତ୍ୟ କି ସଂସ୍କୃତି ସଭା ଆୟୋଜନର ନାମ ଧରିଲେ ନାହିଁ।

ନିଜେ ନିଜର ପ୍ରତିଷ୍ଠା ନିମନ୍ତେ ଆଗଭର ହେଉଥିବା ଏପରି ବର୍ଷୀୟାନ ବିଦ୍ୱାନ୍‌ମାନେ ଅନ୍ୟମାନଙ୍କୁ ସମାଲୋଚନା କରିବାରେ ବେଶ୍ ଧୁରନ୍ଧର। ନିଜ ବିଜ୍ଞତାକୁ ଜବରଦସ୍ତ ପ୍ରତିଷ୍ଠା କରିବା ନିମନ୍ତେ ସେମାନେ ବହୁ ପ୍ରକାରର ଉପାୟ ବି ସୃଷ୍ଟି କରିଥାନ୍ତି। ପୁଣି ଓଡ଼ିଶା ସଂସ୍କୃତିର ରକ୍ଷକ ଭାବରେ ସେମାନେ କୁଆଡ଼େ ନିଜେ ଚିନ୍ତିତ ଓ ଅନ୍ୟ କାହାର ସେପରି ଆନ୍ତରିକତା ନଥିବାର ପ୍ରଚାରବି କରି ବୁଲନ୍ତି। ତାଙ୍କ କଥା ନରହିଲେ ସଂସ୍କୃତିଟା ଲୋପ ପାଇଗଲା ବୋଲି ଭାଷଣମାନ ଦେଇଥାନ୍ତି। ଏପରି କଥା କହିବାବେଳେ ଶ୍ରୀଜଗନ୍ନାଥଙ୍କ ରାଣ ରଖି ଆଖିରୁ ଲୁହ ଗଡ଼ାଇ ପକାଇବା ବି ଭୁଲନ୍ତି ନାହିଁ। ରାଜ୍ୟ ସଂସ୍କୃତିର ଅଭ୍ୟୁତ୍ଥାନର ବାଧକଭାବେ ବେଶ୍ ସୁପରିଚିତ ଏହି ପଣ୍ଡିତମାନେ କେତେଦିନ ପର୍ଯ୍ୟନ୍ତ ଏପରି ନାଟକମାନ ରଚନା କରି ଚାଲିଥିବେ ତାହା ସେହି ଶ୍ରୀଜଗନ୍ନାଥଙ୍କୁ ହିଁ ଜଣା।

କୌତୂହଳର କଥା ଶାସନରେ ଯେଉଁମାନେ ଯେତେଦିନ ପର୍ଯ୍ୟନ୍ତ ରହିଥିବେ ସେମାନଙ୍କର ଶତ ପ୍ରଶଂସାର ଲେଖାମାନ ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଣ୍ଡନ ଏହିମାନେହିଁ କରିଥାନ୍ତି। ପୁଣି ସେହି ରାଜକୀୟ ବଳୟ ଭିତରେ ଥିବା ଶାସକମାନେ ଶାସନରୁ ଅପସରି ଗଲାପରେ ସେମାନଙ୍କ ବିରୁଦ୍ଧରେ କୁତ୍ସାରଟନା ଆରମ୍ଭ କରିବାରେ ଏମାନେ ମଧ୍ୟ ଧୁରନ୍ଧର। ନିଜର କୌଣସି ବ୍ୟକ୍ତିଗତ କାର୍ଯ୍ୟ ଯଦି ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ସଂପାଦନ ନହୋଇପାରିଲା ସେମାନଙ୍କୁ ସମ୍ବାଦପତ୍ର ମାଧ୍ୟମରେ ସିଂହ ଭଳି ଆକ୍ରମଣ କରିବାରେ ସେମାନେ ବେଶ୍ ଓସ୍ତାଦ୍। ଅନ୍ୟର କାର୍ଯ୍ୟକୁ ସମାଲୋଚନା କରୁଥିବା ଏହି ପଣ୍ଡିତମାନେ କେବେହେଲେ ଭାବିନଥାନ୍ତି ଯେ ସେମାନେ ବି ଦିନେ ନିଶ୍ଚିତ ସମାଲୋଚିତ ହେବେ। ନିଜ ଅହଂକାରରେ ବଳିୟାନ୍ ଓ ବିବୃତ୍ତି ସର୍ବସ୍ୱ ଏହି ପଣ୍ଡିତମାନେ ନିଜ ପାଣ୍ଡିତ୍ୟକୁ ଥରେ ନିରୀକ୍ଷଣ କରନ୍ତୁ ଆଉ କୁହନ୍ତୁ ନିଜେ ଯାହା କରିଛନ୍ତି, କରୁଛନ୍ତି ବା କହୁଛନ୍ତି ତାହା ଦେଶ ତଥା ସମାଜର ସଂସ୍କୃତି ରକ୍ଷା ପାଇଁ କେତେଦୂର ଠିକ୍।

ପ୍ରତ୍ୟେକଙ୍କର ଜୀବନ ଦୀପ ଲିଭିଲିଭି ଆସୁଛି। ଆଉ କେତେବେଳେ ଯେ ତାହା ସଂପୂର୍ଣ୍ଣ ଲିଭିଯିବ ତାହା ସେହି ଶ୍ରୀଜଗନ୍ନାଥଙ୍କୁ ଜଣା। କବିର ଭାଷାରେ-

ବେଳ ରତରତ ହେଲାଣିତ ଆସି
କୁଞ୍ଜେ ଚାଲ କୁଞ୍ଜରାଣୀ
ଚଉରାଶୀ କ୍ରୋଶ ବ୍ରଜେ ତୋତେ ଆଉ
ସଖି କେହି ଦେଖିବେନି ଲୋ।

ବେଳତ ଆସି ରତରତ ହେଲାଣି। କେତେବେଳେ ହେଲେ ଦିଗ୍‌ବଳୟରେ ଅସ୍ତମିତ ହୋଇଯିବେ ଦିନମଣି। ହେ, ସଖି! କୁଞ୍ଜକୁତ ଯିବାକୁ ହିଁ ହେବ। ଚଉରାଶୀ ଅଙ୍ଗୁଳ ପରିମିତ ଦେହ ରୂପି ଏହି ବ୍ରଜ ଭୂମିରେ ବ୍ରଜରାଣୀଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ। ଏହାହିଁ ଚିରନ୍ତନ ସତ୍ୟ। ତେଣୁ ହେ ବର୍ଷୀୟାନ ବନ୍ଧୁମାନେ ସଂସ୍କୃତି ନାମରେ ଅନ୍ୟର ସମାଲୋଚନା ତଥା ନିଜର କୁମ୍ଭୀର କାନ୍ଦଣା ସ୍ୱଭାବ ଛାଡ଼ି ସେହି କାଳରୂପୀ ଶ୍ରୀଜଗନ୍ନାଥଙ୍କ ଚରଣରେ ଶରଣାପନ୍ନ ହେଲେ ହିଁ ବ୍ରହ୍ମଲୀନ ହୋଇପାରିବ।

# ଚତୁର୍ଦ୍ଧାମୂର୍ତ୍ତି କିଏ ?



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ରଥଯାତ୍ରା ଆସିଲେ ଓଡ଼ିଆ ଜାତି ମହାପ୍ରଭୁଙ୍କ ମହାନ ସ୍ୱୟଂ ଲୀଳାର କର୍ମ ବିଳାଶରେ ପ୍ଲାବିତ ହୋଇ ମତ୍ତ ଗଜ ଭଳି ପାଗଳ ହୋଇ ଶ୍ରୀକ୍ଷେତ୍ର ମୁହାଁ ହୋଇ ଉଠେ। ଟି.ଭି.ରେ ଯେତିକି ଲୋକ ପ୍ରଭୁଙ୍କୁ ଅପଲକ ନେତ୍ରରେ ପ୍ରତୀକ୍ଷା କରିଥାନ୍ତି ସେତିକି ଲୋକ ତାଙ୍କୁ ବଡ ଦାଣ୍ଡରେ ବି ପ୍ରତୀକ୍ଷା କରିଥାନ୍ତି। ଅଶ୍ରୁର ଧାରା ଉଭୟଙ୍କ ନେତ୍ରରେ ଥାଏ। ଜଣେ ଦେଖୁଥାଏ ଆଉ ଜଣେ ଅନୁଭବ କରୁଥାଏ। ଏଇ ଦେଖାଇବା ଓ ଅନୁଭବ କରାଇବାର ଖେଳକୁ ଉପଭୋଗ କରୁଥାନ୍ତି ମହାପ୍ରଭୁ। ସେଥିଲାଗି ତ ଭକ୍ତ ଲେଖିଲା-

"ହଟିଆ ଠାକୁର ଆଉ କେତେ ନାଟ ଦେଖିବୁ"

ଦଇତାପତିଙ୍କ ମେଳରେ କ୍ରମାନ୍ୱରେ ଶ୍ରୀଶ୍ରୀ ସୁଦର୍ଶନ, ଶ୍ରୀ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଶ୍ରୀ ଜଗନ୍ନାଥ, ଆସୁଥିବା ବେଳେ ଭାଷ୍ୟକରମାନଙ୍କ ବର୍ଣ୍ଣନାରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ତତ୍ତ୍ୱଶୁଣି ଯେତିକି ଆଶ୍ଚର୍ଯ୍ୟ ଲାଗେ ସେତିକ କୌତୁହଳ ମଧ୍ୟ ଜାତ ହୁଏ। ଯଦି ସିଏ ପରଂବ୍ରହ୍ମ ତାହେଲେ ତାଙ୍କର ପୁଣି ରୂପର ବର୍ଣ୍ଣନା କାହିଁକି। ଯଦି ସିଏ ଆଦ୍ୟରୁ ଏକ ତାହେଲେ ଏହି ଚତୁର୍ଦ୍ଧାମୂର୍ତ୍ତିର ଆବଶ୍ୟକତା କ'ଣ। କାହିଁକି ପ୍ରଭୁ ରହସ୍ୟମୟରୁ ରହସ୍ୟତର ହୁଅନ୍ତି। କ'ଣ ବାର୍ତ୍ତା ପ୍ରଭୁ ମାନବ ଜାତିକୁ ଦେବାକୁ ରହୁଁଛନ୍ତି ଏହପରି କଳ୍ପନା ଦ୍ୱାରା ?

ପୁରାଣ ଠାରୁ ଆରମ୍ଭ କରି ଇତିହାସରେ ବର୍ଣ୍ଣିତ ସମସ୍ତ ତଥ୍ୟ ପ୍ରାୟତଃ ଆଜି ଗୋଟିଏ କଥା ସ୍ୱୀକାର କରୁଛନ୍ତି ଯେ ଆଜିର ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଦ୍ୟ ସ୍ୱରୂପ ହେଲେ ନୀଳମାଧବ। ସେହିଁ ଶ୍ରୀ କ୍ଷେତ୍ରର ଆଦ୍ୟ ଅଧିଷ୍ଠାତା ଦେବତା ବିଶ୍ୱାବସୁ, ବିଦ୍ୟାପତି ଓ ଦେବତାଙ୍କ ବ୍ୟତୀତ ତାଙ୍କର ସ୍ୱରୂପ କେହି ଦେଖିନାହାଁନ୍ତି ତେଣୁ ତାଙ୍କର ଯାହାବି ବର୍ଣ୍ଣନା ଆମେ ଜାଣିଛେ ତାହା ଜନଶ୍ରୁତିରୁ ପ୍ରେରିତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ମୂର୍ତ୍ତିଙ୍କ ବର୍ଣ୍ଣନାରେ କୁହାଗଲା-

"ସିନ୍ଧୁତୀରେ ତୁ ଯୋ ବ୍ରହ୍ମନ୍ ରାଜତେ ନୀଳପର୍ବତଃ।
ବିଲୋକ୍ୟ ମାଧବଂ ନୀଳରତ୍ନକାନ୍ତିଂ କୃପାନିଧିମ୍ ।।
ତସ୍ୟ ପ୍ରାକ୍ତତମାସ୍ଥାୟ ନୀଳେନ୍ଦ୍ରମଣି ନିର୍ମିତ ।
ତଦେନ ଦର୍ଶୟିଷ୍ୟାମି ନୀଳେନ୍ଦ୍ର ମଣିମଚ୍ୟୁତମ ।।
ନୀଳେନ୍ଦ୍ର ମଣି ମୂର୍ତ୍ତେସ୍ତୁ ବିଷ୍ଣୋ ରୂପଂ ଯଥା ତଥମ୍
ନୀଳେନ୍ଦ୍ର ମଣି ପାଷାଣମୟୀ ମୂର୍ତ୍ତିଃ ପୁରାତନୀ।
ଇନ୍ଦ୍ରନୀଳ ମୟୋଦେବ ଆସ୍ତେ ଚକ୍ର ଗଦାଧରଃ ।। (ସ୍କନ୍ଦ ପୁରାଣ)

ବିଶ୍ୱାସୁ ପୂଜିତ ବିଗ୍ରହ ଏକ ଅପୌରୁଷେୟ ପ୍ରାକୃତିକ ବିଗ୍ରହ ପରବର୍ତ୍ତୀ ଯୁଗରେ ଶୈଳ-ବିଗ୍ରହକୁ ଶିଳ୍ପାଚାର୍ଯ୍ୟମାନେ ମଣିବିଗ୍ରହ କହିଛନ୍ତି ମାତ୍ର "ନୀଳେନ୍ଦ୍ରମଣି ନିର୍ମିତ' ଶବ୍ଦର ଅର୍ଥ ପ୍ରାକୃତ ଲୋକ ନିର୍ମିତ ବିଗ୍ରହ ନୁହେଁ, ଏହା ସ୍ୱୟଂଭୂ ବିଗ୍ରହ ତେଣୁ ଯମଙ୍କ ଅନୁରୋଧରେ ତାଙ୍କୁ ଲୁକାୟିତ କରିବାର ଆବଶ୍ୟକତା ପଡିଲା। ଏହି ବିଗ୍ରହ ଯେତେବେଳେ ପୁନଃ ପ୍ରକଟିତ ହେଲେ ସେ ଏକ ନ ହୋଇ ତ୍ରିମୂର୍ତ୍ତି ଓ ପରେ ଚତୁର୍ଦ୍ଧାମୂର୍ତ୍ତି ହେଲେ ବୋଲି ଅନେକ ଗବେଷକ ମତ ପ୍ରକାଶ କରିବାରେ ଯଥାର୍ଥତା ଅଛି। ଆଜି ଯେଉଁ ସ୍କନ୍ଦ ପୁରାଣକୁ ଜଗନ୍ନାଥ ସଂସ୍କୃତିର ବଇବଲ ଭାବେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରାଯାଉଛି ତାହାର ଯଥେଷ୍ଟ ପୂର୍ବରୁ ଅନ୍ୟ ପୁରାଣ ମାନଙ୍କର ଜଗନ୍ନାଥଙ୍କ ବର୍ଣ୍ଣନା ଅଛି। ତନ୍ମଧ୍ୟରୁ ପ୍ରମୁଖ ପୁରାଣ ହେଲା ବ୍ରହ୍ମପୁରାଣ। ଏହି ପୁରାଣରେ ନୀଳମାଧବ କ୍ରମଶଃ ଏକ-ତ୍ରିମୂର୍ତ୍ତି ହେବାର ବର୍ଣ୍ଣନା ଅଛି।

"ପ୍ରଥମଂ ଶୁକ୍ଳାବର୍ଣ୍ଣାଭାଂ ଶାରଦେନ୍ଦୁ ସମପ୍ରଭମ
ନୀଳାମ୍ବର ଧରଂ ଗୋଙ୍ଗ ବଳଂ ବନ୍ଦମଦୋଦ୍ଧମମ୍
ଦ୍ୱିତୀୟଂ ପୁଣ୍ଡରୀକାକ୍ଷଂ ନୀଳଜୀମୂତ ସନ୍ନିଭମ୍
ତୃତୀୟା ସ୍ୱର୍ଣ୍ଣବର୍ଣ୍ଣା ଭାଂ ପଦ୍ମପତ୍ରାୟତେ କ୍ଷେଣମ୍

ବଳଦେବ, କୃଷ୍ଣ ଓ ସୁଭଦ୍ରା- ଏହି ତିନିମୂର୍ତ୍ତିଙ୍କ କଥା ଏଠାରେ କୁହାଯାଇଛି। ଏହି ତ୍ରିମୂର୍ତ୍ତି ପରବର୍ତ୍ତୀ ସମୟରେ ଚତୁର୍ଦ୍ଧାମୂର୍ତ୍ତି ଭାବେ ପ୍ରକଟ ହେଲେ ସ୍କନ୍ଦ ପୁରାଣ ମତରେ

"ତା ଦୁଗାବିର୍ବ ଭୁବ୍ୟସୌ ଯକ୍ଷାଙ୍କ ବର୍ଣ୍ଣିତଃ ପୁରା
ଦିବ୍ୟ ସିଂହାସନ ଗତୋ ଭଦ୍ରା ବଳ ସୁଦର୍ଶନୈଃ।

ଅର୍ଥାତ୍ ପୂର୍ବ ବର୍ଣ୍ଣନା ଅନୁସାରେ ଶ୍ରୀକୃଷ୍ଣ ବଳରାମ, ସୁଭଦ୍ରା ଓ ସୁଦର୍ଶନଙ୍କ ସହି ଦିବ୍ୟ ସିଂହାସନରେ ଆବିର୍ଭୂତ ହେଲେ। ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲୋକମାନେ ରତ୍ନ ସିଂହାସନରେ କଲେ ବୋଲି ସ୍କନ୍ଦ ପୁରାଣ କହିଲା-

"ରାମଂ କୃଷ୍ଣଂ ସୁଭଦ୍ରାଞ୍ଚ ବାସୁଦେବଂ ସୁଦର୍ଶନମ୍
ଯଥୋ ପବିଷ୍ଟ ଲେପାଦି ସଂସ୍କାରୈଃ ରୁଚିରୋକୃତିମ୍।"

ତେବେ ଆମେ ବର୍ତ୍ତମାନ ମୂର୍ତ୍ତିଙ୍କ ଯେଉଁ ସ୍ୱରୂପ ଦେଖୁଛେ ତାହାଠାରୁ ପୁରାଣ ମାନଙ୍କରେ ବର୍ଣ୍ଣିତ ହୋଇଥିବା ରୂପରେ ବହୁତ ପ୍ରଭେଦ ଅଛି ବୋଲି ପଣ୍ଡିତମାନେ ମତବ୍ୟକ୍ତ କରନ୍ତି। ତେବେ ପୁରାଣରେ ସେ ସାକାର କିମ୍ବା ନିରାକାର ତାଙ୍କୁ ନେଇ ଦ୍ୱନ୍ଦ୍ୱ ଥିଲେ ମଧ୍ୟ ଏହି ଚତୁର୍ଦ୍ଧାମୂର୍ତ୍ତି ଯେ ମାନବ ଚିନ୍ତନରେ ଚତୁର୍ବ୍ୟୂହର ପ୍ରତୀକ ଏଥିରେ କୌଣସି ଦ୍ୱିମତ ନାହିଁ। ଆମର ଚିନ୍ତାନାୟକମାନେ କାଳ କ୍ରମେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅନେକତା ମଧ୍ୟରେ ଏକତା'ର ପ୍ରତୀକ ଭାବେ ବର୍ଣ୍ଣନା କରି ଏହି ପରଂବ୍ରହ୍ମଙ୍କ ସର୍ବଗ୍ରହଣୀୟ କରିଛନ୍ତି। ପାଞ୍ଚରାତ୍ର ବିଧାନରେ ବିଷ୍ଣୁଙ୍କୁ ଚତୁର୍ବ୍ୟୂହ ଭାବେ ପୂଜା କରିବାର ବିଧାନ ଅତୀବ ପ୍ରାଚୀନ ତେଣୁ ତାଙ୍କର ସ୍ତୁତି କଲା ବେଳେ କୁହାଗଲା-

"ବାସୁଦେବ ନମସ୍ତେସ୍ତୁ ନମତସ୍ତ ମୋକ୍ଷ କାରଣ
ସଙ୍କର୍ଷଣ ନମସ୍ତେସ୍ତୁ ତ୍ରାହିମାଂ ଧରଣୀଧର
ନମସ୍ତେ ହେମଗଭାଭ ନମସ୍ତେ ମକରଧ୍ୱଜ
ଅନୁରୁଦ୍ଧ ନମସ୍ତେସ୍ତୁ ତ୍ରାହିମାଂ ବରଦୋଭବ (ବ୍ରହ୍ମପୁରାଣ)

ବିଷ୍ଣୁଙ୍କ ଚତୁର୍ବ୍ୟୂହ ଭିତରୁ ନୂତନ ଚରି ମୂର୍ତ୍ତିରେ ସଙ୍କର୍ଷଣ (ବଳଭଦ୍ର) ଜଗନ୍ନାଥ (ବାସୁଦେବ) ପୂର୍ବରୁ ଅଛନ୍ତି ଏବଂ ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ସ୍ଥାନରେ ସୁଭଦ୍ରା ଓ ସୁଦର୍ଶନ ଆସିଛନ୍ତି। ସ୍କନ୍ଦ ପୁରାଣ ମଧ୍ୟ ଅନୁରୂପ ଭାବେ ପ୍ରକାଶ କରୁଛି ଯେ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ହିଁ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ଭିତରେ ଅଛି। ବଳରାମ ଓ କୃଷ୍ଣଙ୍କ ଭିତରେ କିଛି ପ୍ରଭେଦ ନାହିଁ। ସୁଭଦ୍ରା ଲକ୍ଷ୍ମୀ ସ୍ୱରୂପା, ଅତଏବ କୃଷ୍ଣଙ୍କ ଶକ୍ତି ସ୍ୱରୂପ। ଆଉ ସୁଦର୍ଶନ ନାମେ ଚକ୍ର (ଉଲ୍ଲିଖିତ)ଶାଖାର ଅଗ୍ରସ୍ତମ୍ଭ ମଧ୍ୟସ୍ଥିତ ହୋଇ ବିଷ୍ଣୁଙ୍କ ହସ୍ତରେ ବିରାଜମାନ କରୁଛନ୍ତି। ସେହିଁ ବିଷ୍ଣୁଙ୍କ ଚତୁର୍ଥ ସ୍ୱରୂପ।

"ଇୟଂ କୃଷ୍ଣାବତାରେ ହି ରୋହିଣୀ ଗର୍ଭ ସମ୍ଭବା
ବଳଭଦ୍ର କୃତର୍ଜାତା ବଳରୂପସ୍ୟ ଚିନ୍ତାନାତ୍
ଯତାଂ ନ ସହ୍ୟତେ ସା ହି ତମାଙ୍କୁଂ ନୀଳାବତାରିଣମ୍ ନଭେଦସ୍ତ୍ୱସ୍ତିଲା ବିପ୍ରାଃ କୃଷ୍ଣସ୍ୟ ଚ ବଳସ୍ୟ ଚ
ତସ୍ୟ ଶକ୍ତି ସ୍ୱରୂପେୟଂ ଭଗିନୀ ସ୍ତ୍ରୀ ପ୍ରବର୍ତ୍ତକ।
ସୁଦର୍ଶନନ୍ତୁ ଯ ଚନ୍ଦ୍ରଂ ସଦା ବିଷ୍ଣୁ କରେ ସ୍ଥିତମ୍।

ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କ ତତ୍ତ୍ୱକୁ ଆମର ସାହିତ୍ୟିକମାନେ ଅଧିକ ଅଳଙ୍କୃତ କରି ଯାଙ୍କୁ ସର୍ବଧର୍ମ ସମନ୍ୱୟତାର ଦେବତା ଭାବେ ପ୍ରଚଳିତ କରି ସେତେବେଳର ଉନ୍ନତ ଚିନ୍ତାଧାରାକୁ ପ୍ରକାଶ କରନ୍ତି। ପଞ୍ଚଶଖାଙ୍କ ମଧ୍ୟରୁ ଯଶୋବନ୍ତ ଦାସ ତେଣୁ ଲେଖିଲେ-

'ଯେ ରୁଦ୍ର ବଳଭଦ୍ର ରୂପ। ଅଟନ୍ତି ଅନନ୍ତ ସ୍ୱରୂପ।।
ଆମ୍ଭେ ଶ୍ରୀ ଜଗନ୍ନାଥ ଦେହୀ । ବ୍ରହ୍ମା ସୁଭଦ୍ରା ହୋଇ ତହିଁ।।
ରାଧା ଗୁଣତ ଅଙ୍ଗ ହେଉ । ଆମ୍ଭ ସଙ୍ଗତେ ପୂଜା ପାଉ ।।

ବଳରାମ ଦାସ ଏହି ବର୍ଣ୍ଣନାକୁ ଆହୁରି ଉନ୍ନତ କରି ଲେଖିଲେ-

"ତୋଳା ଭିତରେ ଅଳା ଯେହୁ । ଶ୍ରୀ ବଳଭଦ୍ର ଅଟେ ସେହୁ।
ତଥି ଉପରେ କଳା ଯେହୁ । ସୁଭଦ୍ରା ଠାକୁରାଣୀ ସେହୁ।।
ତହିଁରେ ପିତୁଳା ଯେ ଜାଣ । ଶ୍ରୀଜଗନ୍ନାଥ ତାକୁ ଚିହ୍ନ।।

ପୁଣି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚରିବେଦ ଭାବେ ପରିଚିତ କରି ସେ କହିଲେ-

"ବଳଭଦ୍ର ସେ ସାମ ହୋଇ । ଋକ୍ ଯେ ସୁଭଦ୍ରା ଅଟଇ
ଯର୍ଜୁବେଦ ଶ୍ରୀ ଜଗନ୍ନାଥ। ଅଥର୍ବ ସୁଦର୍ଶନ ପାର୍ଥ।।

ବର୍ଣ୍ଣନାକାର, ଶାସ୍ତ୍ରକାର ଓ ଟୀକାକାର ମାନେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଭିନ୍ନ ଭାବେ ବର୍ଣ୍ଣନା କରିଥିଲେ ମଧ୍ୟ ତାଙ୍କ ଭିତରେ ସେ ଏକ ସ୍ୱରୂପଙ୍କୁ ସଦାସର୍ବଦା ଦର୍ଶନ କରିଛନ୍ତି, ତେଣୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଧ୍ୟରୁ କାହାରବି ଦର୍ଶନ କଲେ ସମସ୍ତଙ୍କ ଦର୍ଶନର ପୁଣ୍ୟ ମିଳେ। ପରମ ରହସ୍ୟ ମୟ ପ୍ରଭୁଙ୍କ ବିବର୍ତ୍ତନର ସ୍ୱରୂପ ଏହି ଚତୁର୍ଦ୍ଧାମୂର୍ତ୍ତି ଯାହାଙ୍କୁ ସ୍ତୁତି କରି କୁହାଗଲା-

"ହରେ ବଳଭଦ୍ରସ୍ୟ ସୁଭଦ୍ରା ରାମ କଥ୍ୟତେ
କୃଷ୍ଣ ନାମ ଜଗନ୍ନାଥ ହରେ ସୁଦର୍ଶନ ଅପି।"

# ଦିବ୍ୟ ଲୀଳାରେ ପ୍ରକଟିତ- ଦାରୁବ୍ରହ୍ମ ଜଗନ୍ନାଥ



କୁନଲତା ତ୍ରିପାଠୀ
କଟକ,
ଫୋନ- ୮୩୩୯୦୫୧୧୭୩

ପ୍ରଭୁ ପରମେଶ୍ୱର ହିଁ ଲୀଳାମୟ ଶ୍ରୀପୁରୁଷୋତ୍ତମ । ସୃଷ୍ଟି ସ୍ଥିତି ଓ ପ୍ରଳୟ ତାଙ୍କର ଲୀଳାବିଳାସ । ସେ କେତେବେଳେ କେଉଁ ରୂପରେ ଅରୂପରେ ସ୍ୱରୂପଟିଏ ଧାରଣକରନ୍ତି ତାହା ତାଙ୍କୁ ହିଁ ଜଣା । ସର୍ବ ରହସ୍ୟ ପୁରୁଷତ୍ତମସ୍ୟ ଦେବାଃ ନଜାନାନ୍ତି କୁତୋ ମନୁଷ୍ୟ । ସର୍ବ ରହସ୍ୟମୟ ଏ ଧାମ ଏବଂ ଧାମେଶ୍ୱର ବଡ ବିଚିତ୍ର ଲୀଳାରେ ପରିପୂର୍ଣ୍ଣ । ବୈବସ୍ୱତ ମନୁଙ୍କର ପ୍ରଥମ କାଳର ପରିସମାପ୍ତି ଘଟିଛି । ଦ୍ୱିତୀୟ ମନୁର ଅୟମାରମ୍ଭ । ଶ୍ରୀ ନୀଳସୁନ୍ଦର ପର୍ବତର ଶୀର୍ଷ ଦେଶରେ ଦେବତା ମାନଙ୍କ ଦ୍ୱାରା ନିତ୍ୟ ଆରାଧ ନୀଳମଣିମୟ ବିଗ୍ରହ ଶ୍ରୀନୀଳମାଧବ ସ୍ୱର୍ଣ୍ଣ ବାଲୁକା ରାଶିରେ ନିଜକୁ ପାତାଳୀ କରିଦେଇଛନ୍ତି । ଏହା ଥିଲା ବିଧିନିର୍ଦ୍ଦେଶିତ ଭବିଷ୍ୟ ବାଣୀ । ବିଶ୍ୱାବସୁ ବ୍ୟଥିତ ହେଉଛନ୍ତି । ସେହି ସନ୍ଧ୍ୟା ସମୟ ଆଜି ସ୍ମୃତି ରୋମନ୍ଥନ କରୁଛି । ବିଦ୍ୟାପତିଙ୍କ ସହିତ ସାକ୍ଷାତରେ, ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଅଭିଳାଷାରେ ଏହି ପରିବର୍ତ୍ତିତ ସମୟର ପରିଭାଷା ପ୍ରତିଫଳିତ । ଅଥଚ ଏ ପୁଣ୍ୟ ନୀଳସୁନ୍ଦର ପର୍ବତ, ପ୍ରଭୁ ପରମେଶ୍ୱର ଶ୍ରୀପୁରୁଷୋତ୍ତମଙ୍କ ନିତ୍ୟ ନିବାସ ସ୍ଥଳୀ । ଏ ପବିତ୍ର ନୀଳସୁନ୍ଦର ପର୍ବତର ମହିମା ବର୍ଣ୍ଣନା କରିବାକୁ ନର କଳେବର ଧାରଣକରି କିଏ ବା ସକ୍ଷମ ହୋଇପାରେ । ଏହି ନୀଳସୁନ୍ଦର ପର୍ବତକୁ ଆଧାର କରି ଶ୍ରୀ ପୁରୁଷୋତ୍ତମ ଧାମ ଏବଂ ତତ୍ରସ୍ଥ ଧାମେଶ୍ୱର ଶ୍ରୀ ପୁରୁଷୋତ୍ତମ ଦେବ ଏକ ଓ ଅଭିନ୍ନ ଅଟନ୍ତି । ଏଠାରେ ଏକ ଶ୍ଳୋକକୁ ଉଦ୍ଧାର କରାଯାଇପାରେ-

ଯଥା ସର୍ବେଶ୍ୱର ବିଷ୍ଣୁ୮ ସର୍ବଲୋକୋତ୍ତମୋତ୍ତମଃ
ତଥା ସମସ୍ତ ତୀର୍ଥନାମ ବରିଷ୍ଠମ ପୁରୁଷୋତ୍ତମମ

ଅର୍ଥାତ ସର୍ବେଶ୍ୱର ବିଷ୍ଣୁ ଯେପରି ଚତୁର୍ଦ୍ଦଶ ଲୋକ (ଭୁବନ)ରେ ସର୍ବୋତ୍ତମ ଭାବେ ଆରାଧ୍ୟ ସେହିପରି ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବରିଷ୍ଠ କ୍ଷେତ୍ର ଭାବରେ ମାନ୍ୟତା ପ୍ରାପ୍ତ । ଶ୍ରୀମଦ ଭଗବତ ଗୀତାରେ ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦରୁ ପ୍ରକାଶିତ ହୋଇଛି- ଅତୋସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ । ଭଗବାନଙ୍କ ପ୍ରସନ୍ନତା ନିମନ୍ତେ ବେଦୋକ୍ତ ସୁପ୍ରସିଦ୍ଧ ପୁରୁଷ ସୂକ୍ତରେ ତାଙ୍କୁ ଆରାଧନା କରାଯାଏ । ରାକ୍ଷସ ରାଜ କଂସର ପ୍ରାଦୁର୍ଭାବରେ ବସୁଧା ମାତାର ଭାରା ନିବାରଣାର୍ଥେ ଭଗବାନଙ୍କ ଧରାବତରଣ ପାଇଁ ଦେବତାମାନେ କ୍ଷୀର ସମୁଦ୍ର ତଟରେ ପୁରୁଷ ସୂକ୍ତ ମନ୍ତ୍ରରେ ପ୍ରଭୁଙ୍କୁ ସ୍ତୁତି କରିଥିଲେ- ପୁରୁଷମ ପୁରୁଷସୁକ୍ତେନ ଉପତସ୍ଥ ସମାହିତଃ। ମନ୍ଦରାଚଳରେ କୁମାର କାର୍ତ୍ତିକେୟଙ୍କୁ ଭଗବାନ ଶଙ୍କର, କ୍ଷେତ୍ର ଏବଂ କ୍ଷେତ୍ରଧୀଶ୍ୱର ଶ୍ରୀପୁରୁଷୋତ୍ତମଙ୍କ ମାହାତ୍ମ୍ୟ ସମ୍ବନ୍ଧରେ ଅବଗତ କରାଇଛନ୍ତି । ଯାହା ବେଦ ବ୍ୟାସଙ୍କ ଦ୍ୱାରା ରଚିତ ସ୍କନ୍ଦ ପୁରାଣାନ୍ତର୍ଗତ ବୈଷ୍ଣବ ଖଣ୍ଡର ଉତ୍କଳ ଉପଖଣ୍ଡରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଭାବରେ ବିଷଦଭାବେ ବର୍ଣ୍ଣିତ । ସର୍ବ ଶାସ୍ତ୍ରାନୁମୋଦିତ ଓ ସର୍ବ ଜନ ସୁବିଦିତ ଏ ତୀର୍ଥରାଜ ପୁରୁଷୋତ୍ତମଙ୍କ ସମ୍ବନ୍ଧରେ ବର୍ଣ୍ଣିତ ଅନ୍ୟ ଏକ ପ୍ରସିଦ୍ଧ ଶ୍ଳୋକ- ସର୍ବେଷାମ ସର୍ବ କ୍ଷେତ୍ରାଣାମ ରାଜା ଶ୍ରୀପୁରୁଷୋତ୍ତମମ ସର୍ବେଷାମ ସର୍ବ ଦେବାନାମ ରାଜା ଶ୍ରୀପୁରୁଷୋତ୍ତମମ ଅର୍ଥାତ ସମସ୍ତ କ୍ଷେତ୍ରମାନଙ୍କ ମଧ୍ୟରେ କ୍ଷେତ୍ରରାଜ ହେଉଛନ୍ତି ଶ୍ରୀପୁରୁଷୋତ୍ତମ ଏବଂ ସମସ୍ତ ଦେବତାମାନଙ୍କ ମଧ୍ୟରେ ରାଜାଧିରାଜ ହେଉଛନ୍ତି ଶ୍ରୀପୁରୁଷୋତ୍ତମ ଦେବ -ଜଗତର ନାଥ ଶ୍ରୀଜଗନ୍ନାଥ।

ବେଦ ବର୍ଣ୍ଣିତ ପୁରାଣ ପ୍ରସିଦ୍ଧ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଉଁଠି -ଜଳ ସ୍ଥଳ ଏବଂ ଅନ୍ତରିକ୍ଷ ମଧ୍ୟ ମୁକ୍ତି ପ୍ରଦାନ କରିପାରେ - ଜଳେ, ସ୍ଥଳେ ଚାନ୍ତରିକ୍ଷେ ମୁକ୍ତି ଶ୍ରୀପୁରୁଷୋତ୍ତମେ ଅପୂର୍ବ ଅନନ୍ୟ ଭାବ ବହନ କରେ । ସେହି ପୁରାଣ ଆଖ୍ୟାୟିକାଟି ଅତ୍ୟନ୍ତ ରୋଚକ ଏବଂ ଚିତ ହରଣକାରୀ । ସ୍ୱାୟମ୍ଭୁବ ମନୁଙ୍କ ପ୍ରଥମ ମନ୍ୱନ୍ତରରେ ତଥା ଦ୍ୱିତୀୟ ମନୁର ପ୍ରାରମ୍ଭରେ ଏହି ନୀଳ ସୁନ୍ଦର ପର୍ବତରେ ବିଚିତ୍ର ପରିବର୍ତ୍ତନ ଘଟିବ ବୋଲି ଯେଉଁ ଭବିଷ୍ୟବାଣୀ ଶବର ରାଜ ବିଶ୍ୱାବସୁଙ୍କ ଗୋଚରରେ ଥିଲା ତାହା ଆଜି ସତ୍ୟ ପ୍ରମାଣିତ ହେବାକୁ ଯାଉଛି । ବିଶ୍ୱାବସୁଙ୍କ ତନୁ-ମନରେ ଶୀହରଣ ବଦଳରେ ଶୀତକାର । ତାଙ୍କ ସମ୍ମୁଖରେ ଆଗତ ଏ ବ୍ରାହ୍ମଣ ଦେବତା ସୁଦୂର ମାଳବ ଦେଶର ରାଜଧାନୀ ଅବନ୍ତି ନଗରର ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ କୁଳପୁରୋହିତଙ୍କ କନିଷ୍ଠ ଭ୍ରାତା । ଅନନ୍ୟ ତୀର୍ଥ ପର୍ଯ୍ୟଟକଙ୍କଠାରୁ ସ୍ୱୟଂ ବିଷ୍ଣୁ ବପୁ ଧାରଣକରି ଏ ପୁଣ୍ୟ ଭୂମିରେ ବିରାଜିତ ଥିବାର ଅବଗତ ହୋଇଛନ୍ତି ମହାରାଜ

ଇନ୍ଦ୍ରଦ୍ୟୁମ୍ନ-
ଏତତ କ୍ଷେତ୍ର ପରଂଚାସ୍ୟ ବପୁର୍ଭୂତମ ମହାତ୍ମନଃ ।
ସ୍ୱୟଂ ବପୁଷ୍ମାମ ତତ୍ରାସ୍ତେ ସ୍ୱଦୀମ୍ନା କ୍ଷପିତମ ହିତତ ।

ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ରାଜା ବ୍ୟାକୁଳ ଚିତରେ ପ୍ରଭୁଙ୍କୁ ଠାବ କରି ତାଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପାଇଁ ନିଜ ଦରବାରରୁ କୁଳପୁରୋହିତଙ୍କ କନିଷ୍ଠ ଭ୍ରାତା ବିଦ୍ୟାପତି ନାମକ ଏଇ ବ୍ରାହ୍ମଣ ଦେବଙ୍କୁ ପ୍ରେରଣକରିଛନ୍ତି । ଏବେ ସାୟଂ କାଳରେ ନୀଳ ସୁନ୍ଦର ପର୍ବତର ପାଦ ଦେଶରେ ପହଞ୍ଚି ଇଚ୍ଛାମୟଙ୍କ ଇଚ୍ଛାରେ ଶବର ରାଜଙ୍କୁ ଭେଟି ସେ ନିଜର ପରିଚୟ ପ୍ରଦାନ କରି ନୀଳ ମାଧବଙ୍କ ଦର୍ଶନ ପାଇଁ ଅଭିଳାଷ ପୋଷଣ କରୁଛନ୍ତି। ଦ୍ୱନ୍ଦରେ ପଡିଯାଇଛନ୍ତି ବିଶ୍ୱାବସୁ । ଅତିଥି ଦେବୋଭବ । ତାଙ୍କର ଆଶଙ୍କା ସତ୍ୟ ପ୍ରମାଣିତ ହେବାକୁ ଯାଉଛି । ମନ୍ୱନ୍ତରରେ ପରମ ଆରାଧ ନୀଳକାନ୍ତ ମଣିମୟ ବିଗ୍ରହ ଶ୍ରୀନୀଳମାଧବଙ୍କ ସ୍ଥାନରେ ଭବିଷ୍ୟତରେ ଦାରୁବ୍ରହ୍ମଙ୍କର ଆବିର୍ଭାବ ହେବାର ସମ୍ଭାବନାକୁ ଏଡିଦେବାକୁ କିଏ ବା ସକ୍ଷମ ହୋଇପାରେ । ଭବିତବ୍ୟ ଅବଶ୍ୟ ଘଟିବ । ତେଣୁ ବ୍ରାହ୍ମଣ ଦେବତାଙ୍କ ଇଚ୍ଛାକୁ ପୂର୍ଣ୍ଣକରିବାକୁ ପଡିବ । ବିଶ୍ୱାବସୁଙ୍କ ସହାୟତାରେ ଶ୍ୱାପଦ-ସଙ୍କୁଳ ପରିପୂର୍ଣ୍ଣ ଏକପଦି ପଥରେ ଯାଇ ନୀଳସୁନ୍ଦର ପର୍ବତର ଶୀର୍ଷଦେଶରେ ଶ୍ରୀନୀଳମାଧବ ଦେବତା ମାନଙ୍କ ଦ୍ୱାରା ଅର୍ଚ୍ଚିତ ହେଉଥିବା ପୁଣ୍ୟ ଅବସରରେ ପରମ ସୌଭାଗ୍ୟବଶରୁ ବିଶ୍ୱାବସୁଙ୍କ ନିର୍ଦ୍ଦେଶ କ୍ରମେ ବୃକ୍ଷ ଉହାଡରେ ରହି ବିଦ୍ୟାପତି ସ୍ୱଚକ୍ଷୁରେ ପ୍ରଭୁଙ୍କ ଦର୍ଶନ ଲାଭ କରୁଛନ୍ତି । ମର୍ତ୍ତ୍ୟ ବୈକୁଣ୍ଠରେ ଅକଳ୍ପନୀୟ ଶୋଭାର ଭଣ୍ଡାର । ଦେବତାମାନେ ବୀଣା, ଭେରୀ, ତୂରୀ ଆଦି ବାଦ୍ୟ ଜନ୍ତ୍ର ବଜାଇ ସୁଲଳିତ କଣ୍ଠରେ ସଂଗୀତ ଗାନ ସହିତ କରିବା ପ୍ରଭୁଙ୍କ ପଦ ବନ୍ଦନାକରି ପୂଜା ଅର୍ଘ୍ୟ ପ୍ରଦାନ କରୁଛନ୍ତି । କି ଦିବ୍ୟ ଭବ୍ୟ ଅମୃତମୟ ମୂହୁର୍ତ୍ତ । ନୀଳମାଧବ ସ୍ୱରୂପରେ ସ୍ୱୟଂ ପରଂବ୍ରହ୍ମ ପରମେଶ୍ୱର ଆଜି ପରମାନନ୍ଦ ସ୍ୱରୂପରେ ମୂର୍ତ୍ତିମନ୍ତ । ସ୍ୱର୍ଗ ପାରିଜାତ ପୁଷ୍ପର ମହକ ବିଛୁରିତ ହେଉଛି ଗିରି ଗୁହା ବନଭୂମିର ଭୂଖଣ୍ଡ ଭେଦ ସମଗ୍ର ନୀଳାଚଳ ଧାମରେ । ଅନ୍ତର- ଆତ୍ମା ସ୍ପନ୍ଦିତ ହେଉଛି । ହୃଦୟରେ ପ୍ରତିଧ୍ୱନିତ ହେଉଛି - ଅହୋ ଭାଗ୍ୟ, ଅହୋ ଭାଗ୍ୟ । ଆତ୍ମା- ପରମାତ୍ମାଙ୍କ ମଧ୍ୟରେ ମଧୁର ସମନ୍ୱୟ । ପରେ ପରେ ପ୍ରଭୁଙ୍କ ପରମ କରୁଣାରେ ବିଶ୍ୱାବସୁଙ୍କ ଘରେ ଶବର ପଲ୍ଲୀରେ ଅତିଥି ଭାବରେ ପ୍ରଭୁଙ୍କ କୈବଲ୍ୟ ପ୍ରାପ୍ତ ହୋଇ ରାତ୍ର ଯାପନ କରୁଛନ୍ତି ବିଦ୍ୟାପତି । ଏବେ ଫେରିଆସୁଛନ୍ତି ସେ ଅବନ୍ତି ନଗରକୁ । ତାଙ୍କ ପ୍ରତ୍ୟାବର୍ତ୍ତନକୁ ଚାତକ ପରାୟ ପ୍ରତୀକ୍ଷା ରଖିଛନ୍ତି ମହାରାଜ ଇନ୍ଦ୍ରଦ୍ୟୁମ୍ନ। କ୍ଷଣକ ସମୟ ତାଙ୍କୁ ଗୋଟିଏ ଯୁଗର ଅପେକ୍ଷା ପରି ବ୍ୟଥିତ କରୁଛି । କେବେ ଭଗବାନ ତାଙ୍କୁ ସୁଦୟା କରି ସାନିଧ୍ୟ ପ୍ରଦାନ କରିବେ ସେଇ ଚିନ୍ତାରେ ଶୟନ, ସପନେ, ଜଗରଣେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି ସେ । ଏ କଣ ? ନିଜକୁ ବିଶ୍ୱାସ କରିପାରୁନାହାନ୍ତି ଇନ୍ଦ୍ରଦ୍ୟୁମ୍ନ । ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ବିଦ୍ୟାପତି । ସେ ସ୍ମିତହାସ୍ୟ ବଦନରେ ତାଙ୍କୁ ସମ୍ଭାଷଣ ଜଣାଇ ଦୁଇ ବାହୁ ପ୍ରସାରୀ ପ୍ରସାଦ ସ୍ୱରୂପ ଏକ ଅମ୍ଳାନ ପୁଷ୍ପର ମାଳା ପ୍ରଦାନ କରୁଛନ୍ତି । କୃତ କୃତ୍ୟ ହୋଇ ଏ ଅପରୂପ ଆଭା ବିକଶିତ ମାଳାଟିକୁ ଗ୍ରହଣ କରୁଛନ୍ତି ସେ । ଜନମ ସାର୍ଥକ ହୋଇଛି । ଏଇ ଆଜ୍ଞା ମାଳା ନିଶ୍ଚିତ ଭାବେ ସ୍ୱୀକୃତି ଦେଉଛି - ଏ ରକ୍ତ ମାଂସ ଶରୀରରେ - ଚର୍ମ ଚକ୍ଷୁରେ ସେ ପ୍ରଭୁ ସ୍ୱୟଂ ନାରାୟଣଙ୍କୁ ଦର୍ଶନ କରିବେ । ନୀଳସୁନ୍ଦର ପର୍ବତ- ପ୍ରଭୁ ନୀଳମାଧବ ତଥା ଭକ୍ତ ବିଶ୍ୱାବସୁଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ ସେ ଅବଗତ ହେଉଛନ୍ତି ବିଦ୍ୟାପତିଙ୍କ ଠାରୁ । ଆଉ କାହିଁକି କାଳ ବିଳମ୍ବ କରିବା ? ରାଜା- ପାତ୍ର, ମନ୍ତ୍ରୀ ତଥା ସଭାସଦ ଓ ପୁରଜନ ମାନଙ୍କୁ ଧରି ଉତ୍କଳ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ନିଜ ଜୀବନକୁ ସାର୍ଥକ ଓ ପରିପୂର୍ଣ୍ଣକରିବା ପାଇଁ ସେ ପବିତ୍ର ପୁରୁଷୋତ୍ତମ ଧାମରେ ବସ - ବାସ କରିବେ । ପ୍ରଭୁଙ୍କୁ ନିତି ଦର୍ଶନକରି ସେବା-ପୂଜା କରିବେ । ନୟନରେ ଉଭାସିତ ହେଉଛନ୍ତି ବିଦ୍ୟାପତିଙ୍କ ଠାରୁ ଶ୍ରବଣକରିଥିବା ନୀଳକାନ୍ତ ମଣିମୟ ବିଗ୍ରହ ନୀଳମାଧବ । ଅପରୂପ ଅବୟବ । ତନୁକାନ୍ତିରେ ନବଦୁର୍ବାଦଳ ଶ୍ୟାମ ଶୋଭା । କମଳ ନୟନ ଦ୍ୱୟ । ବରଦ ହସ୍ତରେ ସେ ଉଭା ହୋଇଛନ୍ତି ଭକ୍ତଙ୍କୁ ଆନନ୍ଦ ଆଶୀର୍ବାଦ ଝରାଇ ସିକ୍ତକରିବା ପାଇଁ । ହୃଦୟ-ଆତ୍ମାରେ ସମର୍ପିତ ଭାବ ଧାରାରେ ପ୍ଲାବିତ ହୋଇ ଇନ୍ଦ୍ରଦ୍ୟୁମ୍ନ ଅନ୍ତରରୁ ଅନ୍ତରିକ୍ଷ ଯାତ୍ରା କରୁଛନ୍ତି । ଯେଉଁ ଆଭାସ ତାଙ୍କୁ ଜାଗ୍ରତ କରୁଛି, ସେଇ ନିରୁତା ଭକ୍ତି ଅର୍ଘ୍ୟକୁ ସେ ଝରାଇ ନୀଳମାଧବଙ୍କ ପଦାରବିନ୍ଦକୁ ପଖାଳି ଦେବେ । ବିହ୍ୱଳିତ ପ୍ରାଣ । ଭୁଲି ଯାଉଛନ୍ତି ସେ ଭୋକ ଓ ଶୋଷ । ଚିନ୍ତା ଚେତନାକୁ ଆବୋରି ରହିଛି ଭଗବତ ପ୍ରୀତିର ଏକ ଗାଢ ଆସ୍ତରଣ । ପାଟ- ପଟୁଆର ସହିତ ନୀଳାଚଳ ଧାମରେ ପାଦ ଥାପିଛନ୍ତି ମହାରାଜ ଇନ୍ଦ୍ରଦ୍ୟୁମ୍ନ । ମାତ୍ର ଏ କି ଦୁଃସମ୍ବାଦ ସେ ଶୁଣିବାକୁ ପାଉଛନ୍ତି ? ବ୍ରାହ୍ମଣ ବିଦ୍ୟାପତି ପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରି ଗଲା ପରେ ପରେ, ନୀଳମାଧବ ସ୍ୱର୍ଣ୍ଣ ବାଲୁକା ରାଶି ମଧ୍ୟରେ ପାତାଳୀ ହୋଇଯାଇଛନ୍ତି । ତାଙ୍କୁ ଏବେ ଦର୍ଶନ କରିବା ସମ୍ଭବ ନୁହେଁ । ଧାର ଧାର ଲୋତକ ଝରିଯାଉଛି ନୟନଦ୍ୱୟରୁ । ବିଷ୍ଣୁ ଦର୍ଶନ ବିନା ଏ ଶରୀରରେ ଜୀବନ ରହି କିବା ଲାଭ ? ବରଂ ମୃତ୍ୟୁ ହିଁ ଶ୍ରେୟସ୍କର । ଶୂନ୍ୟ ବାଣୀ ଧ୍ୱନିତ କରୁଛି ଗଗନ- ପବନ । ଧୈର୍ଯ୍ୟ ଧର ମହାରାଜ- ଇନ୍ଦ୍ରଦ୍ୟୁମ୍ନ । ବିଧିର ବିଧାନକୁ କିଏ ବା ଆନ କରିପାରେ । ମନ୍ୱନ୍ତରରେ ତଥା ଦ୍ୱିତୀୟ ମନୁର ପ୍ରାରମ୍ଭରେ ଦାରୁକଳେବର ଧାରଣକରି ଦାରୁବ୍ରହ୍ମ ରୂପେ ଏଇ ନୀଳସୁନ୍ଦର ପର୍ବତରେ ବିରାଜିତ ହେବେ ପ୍ରଭୁ ପରଂବ୍ରହ୍ମ । ସେ ପରମ କାର୍ଯ୍ୟ ତୁମ ମାଧମରେ ହିଁ ସମାହିତ ହେବ । ମହର୍ଷି ନାରଦ ହେବେ ତୁମର ମାର୍ଗ ଦର୍ଶକ। ଆଶ୍ୱସ୍ତ ହେଉଛନ୍ତି ରାଜା । ଅବିରଳ ଅଚଳା ଭକ୍ତି - ବିଶ୍ୱାସର ସହିତ ନାରଦ ମୁନୀଙ୍କ ମାର୍ଗ ଦର୍ଶନରେ ସହସ୍ର ଯଜ୍ଞର ସମାପ୍ତକରିଛନ୍ତି ସେ । ଯେଉଁ ଯଜ୍ଞରେ ଦେବତା, ବ୍ରାହ୍ମଣ, ଯକ୍ଷ, ରକ୍ଷ, ଗନ୍ଧର୍ବ ଓ ମର୍ତ୍ତ୍ୟର ବିଭିନ୍ନ ବର୍ଣ୍ଣର ମନୁଷ୍ୟମାନେ ଅଂଶ ଗ୍ରହଣ କରି ବିଭିନ୍ନ ଭୂମିକାରେ ନିଜ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନା କରିଛନ୍ତି । ରାଜା ମଧ୍ୟ ସେମାନଙ୍କର ଯଥା ବିଧି ସତ୍କାର କରି ସେମାନଙ୍କୁ ଆପ୍ୟାୟିତ କରିଛନ୍ତି । ଘୃତାହୁତିରେ ଯଜ୍ଞ ପୁରୁଷ ସନ୍ତୋଷ ଲାଭକରିଛନ୍ତି । ଯଜ୍ଞାନ୍ତେ ଅବଭୃତ ସ୍ନାନ ଅବସରରେ ମହୋଦଧିରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଓ ଅନ୍ୟାନ୍ୟ ଶୁଭ ଲକ୍ଷଣ ଯୁକ୍ତ ମହାନ ଦାରୁଙ୍କର ଆବିର୍ଭାବ ଘଟିଛି। ଯେଉଁ ଦାରୁରେ ସ୍ୱୟଂ ପ୍ରଭୁଙ୍କ କର କମଳରେ ରୂପ ନେଇଛନ୍ତି ଚତୁର୍ଦ୍ଧା ମୂର୍ତ୍ତି । ମହୋଦଧି କୂଳରେ ସହସ୍ର ବାହୁ ଉଚର ମନ୍ଦିର ନିର୍ମାଣକରାଯାଇଛି । କାଳକ୍ରମେ ସ୍ୱୟଂ ବ୍ରହ୍ମଦେବଙ୍କ ଉପସ୍ଥିତିରେ ଭରଦ୍ୱାଜ ମୁନୀଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ କରାଯାଇ ଯଜ୍ଞ ବେଦୀରୁ ବିଗ୍ରହମାନଙ୍କୁ ରଥ ଆରୋହଣ କରାଇ ଅନ୍ତର୍ବେଦୀକୁ ଅଣାଯାଇଛି । ଅବର୍ଣ୍ଣନୀୟ ଏ ଭବ୍ୟ ପୂତ- ପବିତ୍ର ସମାରୋହରେ ଆନନ୍ଦର ସାଗର କଳକଲ୍ଲୋଳିତ ହେଉଛି । ବିଗ୍ରହମାନ- ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ମାତା ସୁଭଦ୍ରା ଏବଂ ଚକ୍ରରାଜଙ୍କୁ ଗର୍ଭ ଗୃହର ଅନ୍ତର୍ବେଦୀରେ ସ୍ଥାପନାକରାଯାଇଛି । ନୀଳଚକ୍ର ଶ୍ରୀମନ୍ଦିରର ଶୀର୍ଷଦେଶରେ ରହି, ପତିତପାବନ ଧ୍ୱଜାକୁ ଲହରାଇତ କରି ବରଷି ଦେଉଥାଏ ଆଶୀର୍ବାଦର ରେଣୁ । ବ୍ରହ୍ମଦେବ, ଇନ୍ଦ୍ରଦ୍ୟୁମ୍ନ ମହରାଜଙ୍କୁ ପ୍ରତି ବର୍ଷେ ଦ୍ୱାଦଶ ଯାତ୍ରା ବିଧି- ବିଧାନର ସହିତ ପାଳନକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଯାତ୍ରାମାନଙ୍କରେ ଦେବତାମାନେ ସ୍ୱର୍ଗରୁ ଆସି ଭାଗନେଇ ପ୍ରଭୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି । ଏହି ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରମୁଖ ରଥ ଯାତ୍ରା ବିଶ୍ୱ ବିଖ୍ୟାତ ଅଟେ । ଏହି ଘୋଷ ଯାତ୍ରାରେ ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ଘୋର ଘନ ନୀନାଦରେ କର୍ମବେଦୀରୁ ଯଜ୍ଞ ବେଦି ଅର୍ଥାତ ଜନ୍ମ ଭୂମି (ଗୁଣ୍ଡିଚା ମନ୍ଦିର)କୁ ଯାତ୍ରା କରନ୍ତି । ଶାସ୍ତ୍ରୀୟ ଆଧାରରେ ଏହି ନବଦିନାତ୍ମକ ଯାତ୍ରା ବିଶ୍ୱର ସମସ୍ତ ଭକ୍ତମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଏ । ବିଶ୍ୱର କୋଣ ଅନୁକୋଣରେ ରଥଯାତ୍ରା ମହୋତ୍ସବ ବଡ ଆଡମ୍ବର ସହକାରେ ପାଳନ କରାଯାଏ । ଆଦି ଶଙ୍କାଚାର୍ଯ୍ୟଙ୍କ ଦ୍ୱାରା ଘୋଷିତ ଚାରି ଧାମ ମଧ୍ୟରେ ଏହି ଶ୍ରୀଜଗନ୍ନାଥ ଧାମ ଅନନ୍ୟ ମହତ୍ୱ ବହନ କରି ଆମ ଜାତି ଓ ଧାମକୁ ବିଶ୍ୱ ବିଖ୍ୟାତ କରି ଆମକୁ ଗୌରବାନ୍ୱିତ କରିଛି । କାଳକ୍ରମେ ବିଭିନ୍ନ ଆଧାରରେ ବାମଦେବ ସଂହିତା, ନୀଳାଦ୍ରି ମହୋଦୟ ଇତ୍ୟାଦି ପ୍ରଖ୍ୟାତ ଗ୍ରନ୍ଥମାନ ବିଭିନ୍ନ ଜଗନ୍ନାଥ ତତ୍ତ୍ୱ ଓ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି । ଯେଉଁଠି ପ୍ରତିମା ସ୍ୱୟଂ ତାଙ୍କ ମୁଖ ଅରବିନ୍ଦରେ ପ୍ରକାଶ କରିପାରନ୍ତି - ଏ ପବିତ୍ର ସ୍ଥାନରେ ପ୍ରତିମା ଭଗ୍ନ ହୋଇପାରେ, ପ୍ରାସାଦ ମଧ୍ୟ ଭଗ୍ନ ହୋଇପାରେ ମାତ୍ର ଏ ପବିତ୍ର ସ୍ଥାନକୁ ପ୍ରଭୁ ତେଜ୍ୟ ନକରି ସଦା ନିତ୍ୟ ନିବାସ କରିଥିବେ । ତେଣୁ ସମ୍ପ୍ରତି ବିଶ୍ୱ ଯେଉଁ ଭୟାଭୟ ପରିସ୍ଥିତି ଦେଇ ଗତି କରୁଛି ତାକୁ ପ୍ରଶମିତ କରି ଏକ ମଙ୍ଗଳମୟ ପରିବେଶ ସୃଷ୍ଟି କରିବା ପାଇଁ ପ୍ରଭୁ କଲ୍ୟାଣ କରନ୍ତୁ । ବସୁଧୈବ କୁଟୁମ୍ବକମ ଭାବ ଧାରାରେ ସର୍ବଧର୍ମ ସମନ୍ୱୟରେ ସମଭାବାପନ୍ନ ଜଗତର ନାଥ ଜଗନ୍ନାଥ ଜଗତରେ ଶାନ୍ତି, ପ୍ରୀତି ଓ ମୈତ୍ରୀର ଧ୍ୱଜା ଉଡାଇ ଦିଅନ୍ତୁ । ଏ ପରମ ଆରାଧ ଶ୍ରୀ ଜଗନ୍ନାଥ କ୍ଷେତ୍ର ବିଶ୍ୱ ପାଇଁ ଯେମିତି ଶ୍ରେୟ ସେମିତି ମଧ୍ୟ ଧେୟ ହେଉ, ଆଜିର ଶୁଭ ଅବସରରେ ଏହା ହିଁ ସର୍ବାଦୌ କାମ୍ୟ।

ଏ ଶୁଭ ସମୟେ ବିଶ୍ୱ କଲ୍ୟାଣରେ ବ୍ରତୀ
ହେଉ ଏ ମନୁଷ୍ୟ
ଅମୃତ ଚିନ୍ତନେ ମଙ୍ଗଳ ବିଧାନେ ପ୍ରଭୁ
ଡାଳନ୍ତୁ ଆଶିଷ ?
ଅନନ୍ତ ଲୀଳାରେ ରହସ୍ୟପୂର୍ଣ୍ଣ ଯେ ଦିବ୍ୟ
ଭବ୍ୟ ଅନୁପମ
ତାଙ୍କରି ସ୍ମୃତିରେ ଶାନ୍ତି ବିରାଜିତ ଅନ୍ୟ
ସର୍ବ ଅକାରଣ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ ଜୁଲାଇ ୨୦୨୫ ବୁଧବାର



# ଗୋଟିଏ ଯାତ୍ରା, ଅନେକ ନାମ

## ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନରେ ବହୁ ପୂଣ୍ୟ ମିଳେ

ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର, ପତିତପାବନ ଅର୍ଥେ ପ୍ରାସାଦୁ ବାହାର.... ପତିତ ଜନଙ୍କୁ ଉଦ୍ଧାର କରିବା ପାଇଁ ରତ୍ନ ସିଂହାସନ ଛାଡ଼ି ରଥକୁ ଆସିଲେ ମହାବାହୁ । ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି ଶ୍ରୀଜୀଉ । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧାମୂର୍ତ୍ତି ତାଙ୍କର ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥ ଦ୍ୱାରା ଯାତ୍ରା କରିଛନ୍ତି। ଯାହାକୁ ରଥଯାତ୍ରା କୁହାଯାଏ । ଶ୍ରୀକ୍ଷେତ୍ର ପୁରୀରେ ପାଳନ ହେଉଥିବା ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ମୂଖ୍ୟ ପର୍ବ । ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ଯାତ୍ରା।

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳିତ ଏହି ଯାତ୍ରାକୁ ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ମଣ୍ଡପ ଯାତ୍ରା ଭଳି ବିଭିନ୍ନ ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଉଲ୍ଲେଖ ରହିଛି ।

**ଗୋଟିଏ ଯାତ୍ରା, ଅନେକ ନାମ:-**

**ଘୋଷଯାତ୍ରା:** ମହାପ୍ରଭୁ ବିଶ୍ୱର ମଙ୍ଗଳ ପାଇଁ ନ ?ନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଏହି ଯାତ୍ରାକୁ ଘୋଷଯାତ୍ରା କୁହାଯାଏ ।

**ଆଡ଼ପ ମଣ୍ଡପ ଯାତ୍ରା:** ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ଥିବା ନିଜ ଜନ୍ମବେଦୀ ଆଡ଼ପ ମଣ୍ଡପକୁ ଯାତ୍ରା କରୁଥିବାରୁ ଏହାକୁ ଆଡ଼ପ ମଣ୍ଡପ ଯାତ୍ରା କୁହାଯାଏ ।

**ଜନ୍ମବେଦୀ ଯାତ୍ରା:** ମହାପ୍ରଭୁଙ୍କର ଜନ୍ମବେଦୀ ହେଉଛି ଆଡ଼ପ ମଣ୍ଡପ । ତେଣୁ ଏହି ଯାତ୍ରାକୁ ମହାପ୍ରଭୁଙ୍କ ଜନ୍ମ ?ବେଦୀ ଯାତ୍ରା କୁହାଯାଏ ।

**ଦଶାବତାର ଯାତ୍ରା:** ଗୁଣ୍ଡିଚା ଘରେ ମହାପ୍ରଭୁ ଜଗନ୍ନାଥ ଦଶ ଅବତାର ବେଶ ହୋଇଥାଆନ୍ତି । ତେଣୁ ଏହାକୁ ଦଶାବତାର ଯାତ୍ରା ମଧ୍ୟ କୁହାଯାଏ ।

**ପତିତପାବନ ଯାତ୍ରା:** ପତିତ ମାନଙ୍କୁ ଉଦ୍ଧାର କରିବାକୁ ମହାବାହୁଙ୍କର ଏହି ଯାତ୍ରା ବୋଲି କୁହାଯାଏ । ତେଣୁ ଏହାକୁ ପତିତପାବନ ଯାତ୍ରା କୁହାଯାଏ।

**ନବଦିନାତ୍ମକ ଯାତ୍ରା:** ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁଙ୍କ ଯିବା, ସେଠାରୁ ଶ୍ରୀମନ୍ଦିର ବାହୁଡ଼ିବା ଓ ସେଠାରେ



ରହଣୀକୁ ମିଶାଇ ୯ ଦିନ ହୋଇଥାଏ। ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି କୁହାଯାଏ ।

**ଶ୍ରୀଗୁଣ୍ଡିଚା ଯାତ୍ରା:** ରାଣୀ ଗୁଣ୍ଡିଚାଙ୍କ ଘରକୁ ଯାତ୍ରା କରୁଥିବାରୁ ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବୋଲି ମଧ୍ୟ କୁହାଯାଏ।

ଶ୍ରୀକ୍ଷେତ୍ର ଧାମରେ ପାଳିତ ହେଉଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ମହିମା ତଥା ପାଳନ ବିଧିର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ପୁରାଣରେ ଉଲ୍ଲେଖ ହୋଇଛି । ବିଶେଷ ଭାବେ ବ୍ରହ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା, ଶାରଦା ପୁରାଣ ପ୍ରଭୃତି ଉଲ୍ଲେଖଯୋଗ୍ୟ। ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଧ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି । ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ ବୋଲି ରହିଛି ବିଶ୍ୱାସ । ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ? ସାରା ବିଶ୍ୱର ଏକ ଶ୍ରେଷ୍ଠ ଯାତ୍ରା । ଏହି ମହୋତ୍ସବରେ ସାମିଲ ହେଲେ, ଚତୁର୍ଦ୍ଧାବିଗ୍ରହଙ୍କୁ ଆଡ଼ପ ମଣ୍ଡପ ବା ସ୍ନାନବେଦୀରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପୁରାଣମାନଙ୍କରେ କୁହାଯାଇଛି- ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ, ଗୁଣ୍ଡିଚା ମନ୍ଦିରରେ ଏକ ଦିନ ଦର୍ଶନରେ ସେତିକି ଫଳ ଲାଭ ହୁଏ । ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ବଲ୍ଲଭ ଓ ସକାଳ ଧୂପ, ରଥ ପ୍ରତିଷ୍ଠା ମଙ୍ଗଳାର୍ପଣ, ପହଣ୍ଡି ଆରମ୍ଭ, ପହଣ୍ଡି ଶେଷ, ମଦନମୋହନ, ରାମ, କୃଷ୍ଣ ବିଜେ, ଚିତା ଲାଗି, ଛେରା ପହଁରା, ଚାରମାଳ ଫିଟା ଓ ଘୋଡ଼ା ସାରଥୀ ଲାଗିବା ଓ ରଥଟଣା ଭଳି ଅନେକ ନୀତି ସମ୍ପନ୍ନ ହୋଇଥାଏ । ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାଶ ।

## ସୁନ୍ଦର ଦେଖାଯିବା ପାଇଁ ନିୟମିତ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ ଜରୁରୀ





ବିବାହ ଦିନ ସୁନ୍ଦର ଦେଖାଯିବା ପାଇଁ ହେଲେ ତ୍ୱଚାଠାରୁ ଆରମ୍ଭକରି କେଶ ପର୍ଯ୍ୟନ୍ତ ସବୁକିଛିର ବହୁ ପୂର୍ବରୁ ଯତ୍ନନେବାକୁ ହେବ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ। ଫିଟ୍‌ନେସ୍‌କୁ ଠିକ୍ ରଖିବା ପାଇଁ ପ୍ରତିଦିନ ହାଲ୍‌କା ବ୍ୟାୟାମ କରନ୍ତୁ। ଏହା ସହ ଅଧିକ ଫଳ ଓ ସାଲାଡ, ଗଜା ହୋଇଥିବା ବିଭିନ୍ନ ଶସ୍ୟ, ଦହି, ପନିର ଆଦି ଅଧିକ ଖାଆନ୍ତୁ। ମାନସିକ ଚାପ କମ୍ କରିବା ପାଇଁ ମଧ୍ୟ ଯୋଗ କିମ୍ବା ମେଡିଟେଶନ କରନ୍ତୁ। ନିୟମିତଭାବେ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ କରନ୍ତୁ। ବିବାହର କିଛିଦିନ ପୂର୍ବରୁ ହଳଦୀ ଲଗାଇବା ବନ୍ଦ କରିଦିଅନ୍ତୁ। କାରଣ ତ୍ୱଚାରୁ ହଳଦୀ ରଙ୍ଗ ସହଜରେ ଛାଡ଼ି ନ ଥାଏ। ଫଳରେ ମେକ୍‌ଅପ୍ ସମୟରେ ଅସୁବିଧା ହୁଏ। ସପ୍ତାହକୁ ଅତିକମ୍‌ରେ ୩ଥର ରାତିରେ ଶୋଇବା ପୂର୍ବରୁ ଲେମ୍ବୁରସ ଓ କଞ୍ଚାକ୍ଷୀର ଲଗାନ୍ତୁ। ଏହା ପ୍ରାକୃତିକ କ୍ଲିଜର ଓ ଆଷ୍ଟ୍ରିଜେଣ୍ଟ ଭଳି କାମ ଦିଏ ଓ ସ୍କିନ୍‌ର ଚମକ ବଢ଼ାଏ। ଆଳୁକୁ ପତଳା କରି କାଟି ମୁହଁରେ ଘଷନ୍ତୁ, ତାହା ସ୍କ୍ରବ୍ ଭଳି କାମ ଦେବ। ସପ୍ତାହକୁ ଅତିକମ୍‌ରେ ଥରେ ସ୍କ୍ରବ୍ କରନ୍ତୁ। ଠିକ୍ ସମୟରେ ଏବଂ ଅତିକମ୍‌ରେ ୮ ଘଣ୍ଟା ଶୁଅନ୍ତୁ। ଫଳରେ ଆଖି ତଳେ ଡାର୍କ ସର୍କଲ ହେବ ନାହିଁ। ମେକ୍‌ଅପ୍ ସାମଗ୍ରୀ ସବୁ ଆଗରୁ କିଣି ବ୍ୟବହାର କରନ୍ତୁ। ତ୍ୱଚାକୁ ତାହା ସୁଟ୍ କରୁଛି କି ନା ଜଣାପଡ଼ିଯିବ। ବାହାରକୁ ଯାଉଥିଲେ ସନ୍‌ସ୍କ୍ରିନ୍ ଲୋସନ ନିଶ୍ଚିତ ଲଗାନ୍ତୁ। ମେନିକିଓର ଓ ପେଡିକିଓର ମଧ୍ୟ କରନ୍ତୁ। କେଶ ଯଦି ଡ୍ରାଏ ହୋଇଥାଏ ତେବେ ପ୍ରତି ୩ଦିନରେ ଥରେ ତେଲ ଗରମ କରି ଲଗାନ୍ତୁ। ମାସକୁ ଥରେ କିମ୍ବା ୨ ଥର ହେୟାର ସ୍ପା ମଧ୍ୟ କରନ୍ତୁ। ଫେସିଆଲ କରିବାର ୨ଦିନ ପରେ ସ୍କିନ୍‌ରେ ଗ୍ଲୋ ଆସିଥାଏ। ତେଣୁ ବିବାହର ୨ଦିନ ଆଗରୁ ହିଁ ଫେସିଆଲ କରନ୍ତୁ। ସ୍କିନ୍ ଅନୁସାରେ ଫ୍ରୁଟ୍, ଅରୋମା, ପର୍ଲ, ଗୋଲ୍ଡ କିମ୍ବା ଡାଏମଣ୍ଡ ଆଦି ଯେକୌଣସି ପ୍ରକାର ଫେସିଆଲ କରନ୍ତୁ। ବିବାହର ସପ୍ତାହେ ପୂର୍ବରୁ କୌଣସି ପ୍ରକାର ନୂଆ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।

## ଭାରତର ୫୦ ପ୍ରତିଶତ ଜନସଂଖ୍ୟା ଅଳସୁଆ



ଶାରୀରିକ କାର୍ଯ୍ୟକଳାପ ଦୃଷ୍ଟିରୁ ଭାରତର ଜନସଂଖ୍ୟା ବିଶ୍ୱରେ ଦ୍ୱାଦଶ ସ୍ଥାନରେ ରହିଛି। ଦି ଲାନସେଟ୍ ଗ୍ଲୋବାଲ୍ ହେଲ୍‌ଥ ଜର୍ଣ୍ଣାଲ୍ ଅନୁଯାୟୀ ଭାରତର ୫୭ ପ୍ରତିଶତ ମହିଳା ଶାରୀରିକ ଦୃଷ୍ଟିରୁ ଅଳସୁଆ। ୪୨ ପ୍ରତିଶତ ଭାରତୀୟ ପୁରୁଷ ଅଳସୁଆ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ସମେତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ କହିଛନ୍ତି ଯେ ବୟସ୍କମାନେ ପର୍ଯ୍ୟାପ୍ତ ପରିମାଣରେ ଶାରୀରିକ ଭାବେ ସକ୍ରିୟ ଥିବା ଦୃଷ୍ଟିରୁ ଦକ୍ଷିଣ ଏସିଆ ମହାଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ପତ୍ରିକାର ଲେଖକମାନେ ଜାଣିବାକୁ ପାଇଛନ୍ତି ବିଶ୍ୱସ୍ତରରେ ପ୍ରାୟ ଏକ ତୃତୀୟାଂଶ ବୟସ୍କ (୩୧.୩ ପ୍ରତିଶତ) ପର୍ଯ୍ୟାପ୍ତ ଭାବରେ ଶାରୀରିକ ଭାବରେ ସକ୍ରିୟ। ୨୦୧୦ରେ ବିଶ୍ୱର ୨୬.୪ ପ୍ରତିଶତ ବୟସ୍କ ଅଳସୁଆ ଥିଲେ। ଭାରତରେ, ୨୨ ପ୍ରତିଶତରୁ ଅଧିକ ବୟସ୍କ ୨୦୦୦ରେ ପର୍ଯ୍ୟାପ୍ତ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିବାବେଳେ ୨୦୧୦ ରେ, ପ୍ରାୟ ୩୪ ପ୍ରତିଶତ ବୟସ୍କ ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ଥିଲେ। ଆକଳନ କରାଯାଇଛି ଯଦି ସାମ୍ପ୍ରତିକ ଧାରା ଜାରି ରହେତେବେ ୨୦୩୦ ବେଳକୁ ୬୦ ପ୍ରତିଶତ ବୟସ୍କ ଅଳସୁଆ ହୋଇଯିବେ। ବିଶ୍ୱର ୧୯୭ ଟି ଦେଶରେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।ଶାରୀରିକ ନିଷ୍କ୍ରିୟତା ବା ଅଳସୁଆ ପଣ ଅନେକ ରୋଗକୁ ପ୍ରୋତ୍ସାହିତ କରିଥାଏ। ବାସ୍ତବରେ, ଶାରୀରିକ ନିଷ୍କ୍ରିୟତା ମଧୁମେହ ଏବଂ ହୃଦରୋଗ ତଥା ଅଣ ସଂକ୍ରାମକ ରୋଗର ଆଶଙ୍କା ବଢ଼ାଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଶାରୀରିକ କାର୍ଯ୍ୟକଳାପସ୍ତର ବୃଦ୍ଧି ଏବଂ ଅଧିକରୁ ଅଧିକ ଅଳସୁଆ ଜୀବନଶୈଳୀ ଏହି ରୋଗର ବୃଦ୍ଧିରେ ସହାୟକ ହେଉଛି ଏବଂ ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା ଉପରେ ଏକ ବୋଝ ପକାଉଛି। ଦି ଲାନସେଟ୍ ଡାଇବେଟିସ୍ ଏବଂ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ୨୦୨୩ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ଇଣ୍ଡିଆ ଡାଇବେଟିସ୍ ଅଧ୍ୟୟନ ଅନୁଯାୟୀ ୨୦୨୧ ମସିହାରେ ଭାରତରେ ୧୦୧ ନିୟୁତ ଲୋକଙ୍କର ମଧୁମେହ ହୋଇଥିଲା ଏବଂ ପ୍ରାୟ ୩୧୫ ନିୟୁତ ଲୋକଙ୍କର ଉଚ୍ଚ ରକ୍ତଚାପ ରହିଥିଲା।

## ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ଅକାମୀ ସମସ୍ୟାରେ ବୃଦ୍ଧି

# ଆନ୍ଧ୍ରପ୍ରଦେଶ-ତେଲେଙ୍ଗାନାରେ ସର୍ବାଧିକ

ଦେଶର ପ୍ରାୟ ପାଞ୍ଚ ପ୍ରତିଶତ ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ବିଫଳତା କିମ୍ବା କିଡ୍‌ନୀ ସମସ୍ୟା ରହିଛି। ଦେଶବ୍ୟାପୀ ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ କିଡ୍‌ନୀ ନଷ୍ଟ ଯୋଗୁ ସମୟ ଗଡିବା ସହିତ ସମସ୍ୟା ଅଧିକ ଜଟିଳ ଏବଂ ଆରୋଗ୍ୟ ହୋଇ ନ ଥାଏ। ପରେ ଏହା ଧୀରେ ଧୀରେ କ୍ରନିକ୍ କିଡ୍‌ନୀ ରୋଗ (ସିକେଡି)ରେ ପରିଣତ ହୋଇଥାଏ। ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଭଠିଣ୍ଡା ଏବଂ ବିଜୟପୁର ଏବଂ ଗ୍ଲୋବାଲ ହେଲଥ ଇଣ୍ଡିଆର ଜର୍ଜ ଇନଷ୍ଟିଚ୍ୟୁଟର ଅନୁସନ୍ଧାନକାରୀମାନେ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି।



ଏହାର ଫଳାଫଳ ସ୍ପ୍ରିଙ୍ଗର୍ ଲିଙ୍କ୍ ପତ୍ରିକାରେ ପ୍ରକାଶିତ ହୋଇଛି। ଏହାର ମୁଖ୍ୟ କାରଣ କ'ଣ ଏବଂ କେତେ ପିଲା ଏଥିରେ ପୀଡିତ, ସଠିକ୍ ଆକଳନ ଉପଲବ୍ଧ ନାହିଁ। ଏହି ଅଧ୍ୟୟନ ୨୦୧୬ ରୁ ୨୦୧୮ ମଧ୍ୟରେ ପାଞ୍ଚରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଏବଂ କିଶୋରଙ୍କ ଜାତୀୟ ପୋଷଣ ସର୍ବେକ୍ଷଣ ଉପରେ ଆଧାରିତ। ସର୍ବେକ୍ଷଣ ଅନୁଯାୟୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗରେ ସର୍ବାଧିକ ମାମଲା ହୋଇଥିବାବେଳେ ତାମିଲନାଡୁ, ଛତିଶଗଡ, ରାଜସ୍ଥାନ ଏବଂ କେରଳରେ ଏହାର ସଂଖ୍ୟା କମ୍ ରହିଛି। ଗବେଷକଙ୍କ ଅନୁଯାୟୀ, ୧୦ ଲକ୍ଷ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୪୯ ହଜାର ଶିଶୁ ଏବଂ କିଶୋର (୪.୯ ପ୍ରତିଶତ) କିଡ୍‌ନୀ ରୋଗରେ ପୀଡିତ ଅଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଅଧାରୁ ଅଧିକ ଲୋକ ଏବଂ ସେମାନଙ୍କ ପିତାମାତାଙ୍କର ଏହି ବିଷୟରେ କୌଣସି ଧାରଣା ନାହିଁ। ଏହି ସମସ୍ୟା ପ୍ରାୟତଃ ଏପରି କ୍ଷେତ୍ରରେ ବିଦ୍ୟମାନ ଅଛି ଯେଉଁଠାରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପ୍ରାୟ ସୀମିତ । ଯେଉଁମାନେ ଏହି ସମସ୍ୟା ବିଷୟରେ ଅବଗତ ଅଛନ୍ତି, ସେମାନଙ୍କର ଚିକିତ୍ସା ପ୍ରାୟତଃ ଡାକ୍ତରଙ୍କ ଉପରେ ନିର୍ଭର କରେ । ଜାତୀୟ ପୋଷଣ ସର୍ବେକ୍ଷଣ ଅନୁଯାୟୀ ଏହି ସମସ୍ୟା ମୁଖ୍ୟତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। ଏହାର ମୁଖ୍ୟ କାରଣ ହେଉଛି ପିତାମାତା, ବିଶେଷକରି ମାତାମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ, ଶିଶୁ ଏବଂ କିଶୋରମାନଙ୍କ ଶାରୀରିକ ବିକାଶର ଅଭାବ ଏବଂ ବାମନପଣ। ଏହି କାରଣଗୁଡ଼ିକ ସହିତ ମୁକାବିଲା କରି ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି କରାଯାଇ ପାରିବ। ଏହା ବ୍ୟତୀତ ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ନ କରି ଲକ୍ଷ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟକର। ପିଲାମାନଙ୍କଠାରେ କ୍ରନିକ୍ କିଡ୍‌ନୀ ରୋଗକୁ ରୋକିବା ପାଇଁ ଅନୁସନ୍ଧାନକାରୀମାନେ ମଧ୍ୟ ପରାମର୍ଶ ଦେଇଛନ୍ତି। ସେଥିପାଇଁ ନିୟମିତ ଯାଞ୍ଚ ଏବଂ ପରିସ୍ରା ପରୀକ୍ଷା କରିବା ଆବଶ୍ୟକ । ସୋଡିୟମ୍, ଫସଫରସ୍ ଏବଂ ପୋଟାସିୟମର କମ୍ ଥିବା ଏକ ସୁସ୍ଥ ଏବଂ ସନ୍ତୁଳିତ ଖାଦ୍ୟ କିଡ୍‌ନୀ କାର୍ଯ୍ୟକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହା ସହିତ ପିଲାମାନଙ୍କୁ ଫଳ, ପନିପରିବା, ଶସ୍ୟ ଏବଂ ପ୍ରୋଟିନ୍ ଖାଇବାକୁ ଉତ୍ସାହିତ କରିବା ଏବଂ ପିଲାମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ସ୍ନାକ୍ସରୁ ଦୂରରେ ରଖିବା ଜରୁରୀ। ଚିନି ଏବଂ ଲୁଣ ଅଧିକ ଥିବା ଖାଦ୍ୟରୁ ମଧ୍ୟ ଦୂରେଇ ରହିବା ଜରୁରୀ ଅଟେ।

## ମଧୁମେହ ଓ ଉଚ୍ଚ ରକ୍ତଚାପ କବଳରେ ଯୁବଗୋଷ୍ଠୀ

ମଧୁମେହ, ଉଚ୍ଚ ରକ୍ତଚାପ ରାକ୍ଷସ କବଳରେ ଭାରତର ଯୁବଗୋଷ୍ଠୀ । ଅନିୟମିତ ଖାଦ୍ୟ, ଶାରୀରିକ ବ୍ୟାୟାମ ଅଭାବରୁ ୨୦୩୦ ସୁଦ୍ଧା ଦେଶର ୩୦ କୋଟି ଯୁବକ ଯୁବତୀଙ୍କ ଜୀବନ ଦୁର୍ବିସହ ହୋଇପାରେ । ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ଜନସଂଖ୍ୟାର ୩୦ ପ୍ରତିଶତ ବି ଏହି ରୋଗର ଶିକାର ହୋଇଛନ୍ତି । ବିଶେଷଜ୍ଞଙ୍କ ମତରେ ଯୋଗ, ବ୍ୟାୟାମ ଓ ରାତିରେ ଅଳ୍ପାହାର କଲେ ବଞ୍ଚିଯିବ ଜୀବନ । ଜୀବନ ନେଉଛି ମଧୁମେହ, ଉଚ୍ଚ ରକ୍ତଚାପ । ଧୀରେ ଧୀରେ ବିଶ୍ୱର ଡାଇବେଟିକ୍ ରାଜଧାନୀ ପାଲଟିବାକୁ ଯାଉଛି କି ଭାରତ ? ଶାରୀରିକ ବ୍ୟାୟାମ, ଯୋଗ, ନିୟମିତ ଖାଦ୍ୟପେୟ ଓ ଜୀବନଚର୍ଯ୍ୟା ଅଭାବରୁ ଦେଶର ୧୫ରୁ ୨୯ ବର୍ଷ ବୟସର ଯୁବବର୍ଗ ଏପରି ସାଂଘାତିକ ରୋଗରେ ପୀଡ଼ିତ। ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ୍ ଏପରି ଉଦବେଗଜନକ ରିପୋର୍ଟ ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ ୨୦୦୦ ମସିହାରୁ ୨୦୧୦ ଭିତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୩୪ ପ୍ରତିଶତ ବଢିଛି । ଏପରି ସଂଖ୍ୟା ବୃଦ୍ଧି ପାଇଲେ ୨୦୩୦ ସୁଦ୍ଧା ମୋଟ ଜନସଂଖ୍ୟାର ୫୦ କୋଟି ଯୁବକ ଯୁବତୀଙ୍କ ଭିତରୁ ୩୦ କୋଟି ଯୁବବର୍ଗଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ । ଗତବର୍ଷ ଆଇସିଏମଆର ଓ ଲାନସେଟ୍ ମିଳିତ ସର୍ଭେ ଅନୁଯାୟୀ ୧୮ ବର୍ଷରୁ ଅଧିକ ବୟସର ୧୦ କୋଟି ୧୦ ଲକ୍ଷ ଯୁବକ ସାଂଘାତିକ ମଧୁମେହ ରୋଗରେ ପୀଡ଼ିତ । ସେହପରି ୩୧ କୋଟି ୫୦ ଲକ୍ଷ ଯୁବକ ହାଇପରଟେନ୍ସନରେ ଆକ୍ରାନ୍ତ । ସପ୍ତାହକୁ ୧୫୦ ମିନିଟ ହିସାବରେ ଦିନକୁ ୧୫ରୁ ୨୦ ମିନିଟ ଶାରୀରିକ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ । କିନ୍ତୁ ଏତିକି ବି କରିବାକୁ ଆଜିର ଯୁବଗୋଷ୍ଠୀ ଆଗ୍ରହ ଦେଖାଉନାହାନ୍ତି ।

## ଭାରତର ସ୍ଥିତି ସଙ୍କଟ ଜନକ : ନିଶାର ମାୟାଜାଲରେ ୨୯.୨୦ କୋଟି ଲୋକ

ସାରା ବିଶ୍ୱରେ ନିଶା ସେବନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନିଶାର ମାୟାଜାଲରେ ସେମାନେ ଛଟପଟ ହେଉଛନ୍ତି। ତେବେ ନିଶା ସେବନରୁ ମୁକ୍ତି ପାଇବା ପାଇଁ ଚିକିତ୍ସା ସେବା ସୀମିତ ରହିଛି। ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ସମଗ୍ର ବିଶ୍ୱରେ ୧୧ ଜଣ ନିଶା ସେବନକାରୀଙ୍କ ମଧ୍ୟରୁ କେବଳ ଜଣେ ଠିକ୍ ସମୟରେ ଚିକିତ୍ସା କରି ପାରୁଛନ୍ତି। ଭାରତରେ ମଧ୍ୟ ଅବସ୍ଥା ଗୁରୁତର ରହିଛି। ଦେଶରେ ୨୦୧୭ ମସିହାରେ, କେବଳ ୧୫,୧୦୧ ନିଶା ସେବନକାରୀ ଚିକିତ୍ସିତ ହୋଇଥିବାବେଳେ ନିଶା ସେବନକାରୀଙ୍କ ସଂଖ୍ୟା ଲକ୍ଷ ଲକ୍ଷରେ ରହିଛି। ଏହା ବ୍ୟତୀତ ଡ୍ରଗ୍ସ କାରବାରରେ ଜଡିତ ପ୍ରାୟ ଚାରି ଲକ୍ଷ ଲୋକ ଜେଲରେ ଅଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ମାମଲା କୋର୍ଟରେ ବିଚାରାଧୀନ ଅଛି। ବିଶ୍ୱରେ ଡ୍ରଗ୍ସର ବ୍ୟବହାରରେ ଚିନ୍ତାଜନକ ଭାବେ ବୃଦ୍ଧି ସହିତ ଶକ୍ତିଶାଳୀ ନୂତନ ସିନ୍‌ଥେଟିକ୍ ଓପିଓଇଡ୍‌ର ଆବିର୍ଭାବ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି। ସିନ୍ଥେଟିକ୍ ଓପିଓଇଡ୍ ହେଉଛି ଏକ ପଦାର୍ଥ ଯାହା ଲାବୋରେଟୋରୀରେ ସିନ୍ଥାଇଜ୍ ହୋଇ ନାର୍କୋଟିକ୍ସରେ ମିଶ୍ରିତ କରାଯାଇ ପ୍ରସ୍ତୁତ କରାଯାଇଥାଏ। ଏହା ମଣିଷର ମସ୍ତିଷ୍କରେ ପ୍ରାକୃତିକ



ଓପିଓଇଡ୍ ଯଥା ମାର୍ଫିନ୍ ଏବଂ କୋଡିନ୍ ପରି ସମାନ ଭାବେ କାର୍ଯ୍ୟ କରିଥାଏ। ଏହାର ସେବନ ଦ୍ୱାରା ଆନାଲେଜିକ୍ (ଯନ୍ତ୍ରଣାରୁ ମୁକ୍ତି) ପ୍ରଭାବ ସୃଷ୍ଟି ହୋଇଥାଏ। ୱାର୍ଲ୍ଡ ଡ୍ରଗ୍ ରିପୋର୍ଟ ୨୦୨୪ରେ ପ୍ରକାଶିତ ହୋଇଛି ଯେ ୨୦୨୨ ମସିହାରେ ଡ୍ରଗ୍ସ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୨୯.୨୦ କୋଟିରେ ପହଞ୍ଚିବ। ଯାହା ପୂର୍ବ ଦଶନ୍ଧି ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇବ। ବିଶ୍ୱରେ ୨୨.୮୦ କୋଟି ଲୋକ ଗଞ୍ଜେଇରୁ ପ୍ରସ୍ତୁତ ନିଶା ସେବନ କରୁଛନ୍ତି। ଏହା ପରେ ୬ କୋଟିରୁ ଅଧିକ ଲୋକ ଓପିଓଇଡ୍ ନେଉଛନ୍ତି, ତିନି କୋଟି ଲୋକ ଆମ୍ଫେଟେମିନ୍ ନେଉଛନ୍ତି, ୨.୩୦ କୋଟି ଲୋକ କୋକେନ ନେଉଛନ୍ତି ଏବଂ ପ୍ରାୟ ଦୁଇ କୋଟି ଲୋକ ଏକ୍ସଟସି ନିଶା ସେବନ କରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ ସାରା ବିଶ୍ୱରେ ପ୍ରାୟ ୬ କୋଟି ଲୋକ ନିଶା ସେବନରୁ ଆରୋଗ୍ୟ କରିବାର ଆବଶ୍ୟକତା ରହିଛି। କିନ୍ତୁ ଡାକ୍ତରଖାନାଗୁଡ଼ିକରେ ଉପଲବ୍ଧ ସୁବିଧା ପର୍ଯ୍ୟାପ୍ତ ନୁହେଁ। ଭାରତର ଜାତିସଂଘର ରେସିଡେଣ୍ଟ ସଂଯୋଜକ ଶୋମ୍ବି ଶାର୍ପ କହିଛନ୍ତି ଯେ ଆମର ପ୍ରୟାସ କେବଳ ସନ୍ତୁଳିତ ହେବା ସହିତ ସ୍ୱାସ୍ଥ୍ୟ ଅଧିକାରମାନଙ୍କ ସହ ମାନବିକ ଅଧିକାର ମଧ୍ୟ ବଜାୟ ରଖିବା ଆବଶ୍ୟକ। ନିଶା ସେବନରେ ପୀଡିତ ଲୋକଙ୍କୁ ସାହାଯ୍ୟ କରାଯିବା ଉଚିତ୍। ଏଥିପାଇଁ ସରକାର ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ନିଦ୍ରାହୀନତା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ



ଖାଦ୍ୟ ଓ ପାନୀୟ ପରି ନିଦ ମଧ୍ୟ ମନୁଷ୍ୟ ଶରୀର ପାଇଁ ନିହାତି ଜରୁରୀ। କିନ୍ତୁ ଏବେ ଅଧିକାଂଶ ଲୋକ ନିଦ୍ରହୀନତାର ଶିକାର ହେଉଛନ୍ତି। ରାତିରେ ସଠିକ୍ ଭାବରେ ନଦ ହେଉନାହିଁ। ତେବେ ଆପଣଙ୍କୁ ଏମିତି ଏକ ସମାଧାନର ବାଟ କହିବୁ ଯାହା ଆପଣଙ୍କ ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ଦେବାରେ ବେଶ ସହାୟକ ହେବ।

ନିଦ୍ରାହୀନତା ସମସ୍ୟା ବେଶୀ ଦିନ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ଆଣିପାରେ । ତେବେ ଏମିତି କିଛି ଉପାୟ ଅଛି ଯାହାକୁ ପାଳନ କଲେ ଆପଣ ରାତିରେ ଗାଢ ନିଦରେ ଶୋଇପାରିବେ । ଶୋଇବା ପୂର୍ବରୁ କରୁଥିବା କାମ ଆପଣଙ୍କ ନିଦକୁ ପ୍ରଭାବିତ କରିଥାଏ। ରାତିରେ ଶୋଇବା ପୂର୍ବରୁ ବ୍ରଶ କରିବା, ନିଜ ତ୍ୱଚାର ଯତ୍ନ ନେବା, ଶୋଇବା ପାଇଁ ଆରାମ ଦାୟକ ପରିବେଶ ତିଆରି କରିବା ଅର୍ଥାତ କୋଠାରୀର ତାପମାତ୍ରା ଠିକ ରଖିବା ଓ ବିଛଣା ସଜାଡିବା ପରି କାମ କରନ୍ତୁ। ଯାହା ଆପଣଙ୍କ ମସ୍ତିଷ୍କରେ ଶୋଇବା ପାଇଁ ଏକ ଅନୁକୂଳ ଭାବନା ଆଣିଥାଏ।

ମନୋବିଜ୍ଞାନୀଙ୍କ ଅନୁସାରେ, ମସ୍ତିକଷ୍କୁ ଚିନ୍ତାଶୂନ୍ୟ ରଖିଲେ ଓ ଶରୀରକୁ ଆରାମ ଦେଲେ ନିଦ ଆପେ ଆପେ ଆସିଥାଏ । ରାତିରେ କିଛି ଜର୍ଣ୍ଣାଲ ଲେଖିବା କିମ୍ବା ଡାୟରୀରେ ଦିନସାରାର ଘଟଣାବଳୀ ଲେଖିବା ଦ୍ୱାରା ଆପଣଙ୍କ ମସ୍ତିଷ୍କରୁ ଅନେକ ଚିନ୍ତାଧାରା ବାହାରିଯାଇଥାଏ । ଫଳରେ ଆପଣଙ୍କୁ ଜଲଦି ଭଲ ନିଦ ଆସିବାର ସମ୍ଭାବନା ରହିଛି । ରାତିରେ ହାଲକା ଖାଦ୍ୟ ଗ୍ରହଣ କରିବା ବେଶ ଉପଯୋଗୀ ହୋଇଥାଏ । ରାତିରେ ଚିନି, କାର୍ବୋହାଇଡ୍ରେଟ, ଫ୍ୟାଟ ଓ କ୍ୟାଫିନ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ଶୋଇବା ପୂର୍ବରୁ କ୍ଷୀର କିମ୍ବା ପାଚିଲା କଦଳୀ ଗ୍ରହଣ କରିପାରିବେ । ଏଥିରେ ମହଜୁଦ ଥିବା ଟ୍ରିପ୍ଟୋଫେନ ନାମକ ରସାୟନ ଆପଣଙ୍କୁ ସୁଖନିଦ୍ରା ଦେଇଥାଏ । ଯଦି ଆପଣଙ୍କୁ ନିଦ ଆସୁନି ତେବେ ଆପଣ କିଛି ସମୟ ପାଇଁ ପ୍ରାଣାୟମ ମଧ୍ୟ କରିପରିବେ। ଶୋଇବା ସେଜରେ ନିଜ ଜିଭକୁ ବିଶ୍ରାମ ଦିଅନ୍ତୁ ଓ ତାକୁ ପାଟିର ତଳ ପାର୍ଶ୍ୱରେ ସ୍ପର୍ଶ କରନ୍ତୁ। ସେହି ଅବସ୍ଥାରେ ୪ ସେକେଣ୍ଡ ପାଇଁ ଧୀରେ ଧୀରେ ନିଶ୍ୱାସ ନିଅନ୍ତୁ। ପରେ ୭ ସେକେଣ୍ଡ ପାଇଁ ନିଶ୍ୱାସକୁ ବନ୍ଦ କରି ପରବର୍ତ୍ତୀ ସମୟରେ ଛାଡ଼ନ୍ତୁ। ଏହି ପ୍ରାଣାୟମକୁ କିଛି ସମୟ ପାଇଁ କଲେ ଆପଣଙ୍କୁ ନିଦ ଆସିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣ ନିଜର ସ୍କ୍ରିନଟାଇମକୁ କମାନ୍ତୁ। ଅର୍ଥାତ ଶୋଇବାର ଏକ ଘଣ୍ଟା ପୂର୍ବରୁ କେ ?ଣସି ପ୍ରକାର ଉଜ୍ଜ୍ୱଳ ସ୍କ୍ରିନଠାରୁ ଦୂରରେ ରୁହନ୍ତୁ। ମୋବାଇଲ ଓ ଟିଭି ଦେଖିବା ଦ୍ୱାରା ସେଥିରୁ ଆସୁଥିବା ନୀଳ ଆଲୋକ ଶରୀରେ ନିଦ ଆଣୁଥିବା ମେଲାଟୋନିନ ହରମୋନ କ୍ଷରଣକୁ କମ କରିଥାଏ। ତେଣୁ ଆପଣଙ୍କୁ ଭଲ ନିଦ ହୋଇନଥାଏ। ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲକୁ ସାଇଲେଣ୍ଟ ମୋଡ କରି ନିଜଠାରୁ ଦୂରରେ ରଖନ୍ତୁ।

# ବେଙ୍ଗାଲୁରୁ ଦଳାଚକଟା ପାଇଁ ଆରସିବି ଦାୟୀ, ପୋଲିସ ଈଶ୍ୱର ନୁହେଁ : ଟ୍ରିବ୍ୟୁନାଲ



**ବେଙ୍ଗାଲୁରୁ**

ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସିଏଟି) ପକ୍ଷରୁ କୁହାଯାଇଛି ଯେ, ଜୁନ ୪ ତାରିଖରେ ବେଙ୍ଗାଲୁରୁରେ ହୋଇଥିବା ଷ୍ଟାମ୍ପେଡ୍‌ରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦାୟୀ, ଯେଉଁଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ଟ୍ରିବ୍ୟୁନାଲ କହିଛି, "ପ୍ରାଥମିକ ଭାବେ ଦେଖାଯାଉଛି ଯେ ଆରସିବି ପାଖାପାଖି ୩ରୁ ୫ ଲକ୍ଷ ଲୋକଙ୍କ ଭିଡ଼ ପାଇଁ ଦାୟୀ। ଆରସିବି ପୋଲିସଙ୍କଠାରୁ ଉଚିତ ଅନୁମତି ନେଇ ନଥିଲେ। ହଠାତ୍ ସୋସିଆଲ ମିଡିଆରେ ପୋଷ୍ଟ କରିବା ଫଳରେ ଏତେ ସଂଖ୍ୟକ ଲୋକ ଜମା ହୋଇଥିଲେ।" ଆରସିବିର ଆଇପିଏଲ ବିଜୟ ପରେ ଜୁନ ୪ରେ ବିଜୟ ପରେଡ୍ ଘୋଷଣା କରାଯାଇଥିଲା। ଯାହା ଏହି ସମସ୍ୟା ସୃଷ୍ଟି କରିଛି ବୋଲି ଟ୍ରିବ୍ୟୁନାଲ ଅଭିହିତ କରିଛି। ଏହା ଉଲ୍ଲେଖ କରିଛି, "ହଠାତ୍ ଆରସିବି ବିନା ଅନୁମତିରେ ଏଭଳି ଘୋଷଣା ସମସ୍ୟା ସୃଷ୍ଟି କରିଥିଲେ। ପୋଲିସଙ୍କୁ ୧୨ ଘଣ୍ଟା ଭଳି କମ ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା କରିବା ଆଶା କରାଯାଇ ପାରେ ନାହିଁ।" ଟ୍ରିବ୍ୟୁନାଲ ପୋଲିସଙ୍କ ସମପକ୍ଷରେ ମତ ପୋଷଣ କରି କହିଛି, "ପୋଲିସ ମଣିଷ ଅଟନ୍ତି, ସେମାନେ ଈଶ୍ୱର କିମ୍ବା ଆଲାଦୀନଙ୍କ ଚିରାଗ ନୁହନ୍ତି।" ଜୁନ ୩ ଓ ୪ ତାରିଖ ରାତିରେ ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ ଏବଂ ଏକକାଳୀନ ଭାବେ ବିଧାନ ସୌଧାରେ ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟକ୍ରମ ହୋଇଥିଲା, ଯାହା ପୋଲିସଙ୍କୁ ଆହୁରି ଚାପଗ୍ରସ୍ତ କରିଥିଲା।

ଟ୍ରିବ୍ୟୁନାଲ କହିଛି ଯେ ଏତେ ବଡ଼ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବ ସୂଚନା ଓ ଯଥେଷ୍ଟ ସମୟ ଆବଶ୍ୟକ, ଯାହା ଏହି ମାମଲାରେ ଦିଆଯାଇ ନଥିଲା। ଜଣେ ବେଙ୍ଗାଲୁରୁ ପୋଲିସ ଅଫିସରଙ୍କ ନିଲମ୍ବନ ବିରୋଧରେ ଆବେଦନ ଶୁଣାଣି ବେଳେ ଏହି ନିର୍ଦ୍ଦେଶ ଦିଆଯାଇଥିଲା।

# ଆୟୁଷଙ୍କୁ ୟୁଏସ୍ ଓପନ୍ ମୁକୁଟ

**ଲୋୱା।**




ଭାରତର ଦୁଇ ନମ୍ବର ପୁରୁଷ ଏକକ ଖେଳାଳି ଆୟୁଷ ସେଟ୍ଟୀ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ଏହା ତାଙ୍କର ପ୍ରଥମ ବିଡବ୍ଲୁଏଫ୍ ବିଶ୍ୱ ଟୁର୍ ମୁକୁଟ। ଫାଇନାଲ୍‌ରେ ଆୟୁଷ ୨୧-୧୮, ୨୧-୨୩ରେ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରିଆନ୍ ୟାଙ୍ଗଙ୍କୁ ପରାସ୍ତ କରିଥିଲେ। ୨୦ ବର୍ଷୀୟ ଏହି କର୍ଣ୍ଣାଟକ ଖେଳାଳି ପ୍ରଥମ ଭାରତୀୟ ଭାବେ ଚଳିତ ଋତୁରେ ବିଶ୍ୱ ଟୁର୍ ମୁକୁଟ ମଧ୍ୟ ଜିତିଛନ୍ତି। ସେ ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ବିଶ୍ୱର ୬ ନମ୍ବର ଚୌଉ ତିଏନ-ଚେନ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

# ଅପରେସନ୍ ସିନ୍ଦୂର ପରେ ପ୍ରଥମଥର ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ/ବାର୍ମିଂହାମ**




ଅପରେସନ୍ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଭାରତ ଓ ପାକିସ୍ତାନ କ୍ରିକେଟ୍ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ଐତିହାସିକ ମୁକାବିଲା ଇଂଲଣ୍ଡର ଏଡ୍‌ଜବାଷ୍ଟନ କ୍ରିକେଟ୍ ଗ୍ରାଉଣ୍ଡରେ ଜୁଲାଇ ୨୦, ୨୦୨୫ରେ ଅନୁଷ୍ଠିତ ହେବ। ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ୍ (ଡବ୍ଲୁସିଏଲ) ନାମକ ଏକ ପ୍ରଦର୍ଶନୀ ଟୁର୍ଣ୍ଣାମେଣ୍ଟରେ ଉଭୟ ଦେଶର ପୂର୍ବତନ କ୍ରିକେଟ୍ ତାରକାମାନେ ଅଂଶଗ୍ରହଣ କରିବେ।

ଭାରତୀୟ ଦଳରେ ଯୁବରାଜ ସିଂହ, ହରଭଜନ ସିଂହ, ସୁରେଶ ରାଇନା ଏବଂ ଇରଫାନ ପଠାନ ଭଳି ଦିଗ୍‌ଗଜ ଖେଳାଳି ସାମିଲ ହେଉଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଦଳରେ ଶାହିଦ ଆଫ୍ରିଦି, ଶୋଏବ ମଲିକ, ସୋହେଲ ଖାନ ଓ ଅବଦୁଲ ରଜାକ ଭଳି ଖେଳାଳି ମଇଦାନକୁ ଓହ୍ଲାଇବେ। ଏହି ମ୍ୟାଚ୍ ଉଭୟ ଦେଶର କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏକ ନଷ୍ଟାଲଜିକ ମୁହୂର୍ତ୍ତ ହେବ, ଯେଉଁଠାରେ ୨୦୦୭ ଟି-୨୦ ବିଶ୍ୱକପ୍ ଫାଇନାଲର ସ୍ମୃତି ପୁଣି ଜାଗ୍ରତ ହେବ।

ଏହି ମ୍ୟାଚ୍‌ର ପୃଷ୍ଠଭୂମିରେ ଅପରେସନ୍ ସିନ୍ଦୂର ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ରହିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକଙ୍କ ଜୀବନ ଯାଇଥିଲା, ତା' ପରେ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦିଙ୍କ ବିବାଦୀୟ ବୟାନ ବେଶ୍ ଚର୍ଚ୍ଚାରେ ରହିଥିଲା।

ଆଫ୍ରିଦି ଦାବି କରିଥିଲେ ଯେ, ଭାରତ ନିଜେ ଏହି ଆକ୍ରମଣ କରି ପାକିସ୍ତାନକୁ ଦାୟୀ କରୁଛି। ସେ କହିଥିଲେ, "ପହଲଗାମରେ ଆତଙ୍କବାଦୀମାନେ ଏକ ଘଣ୍ଟା ଧରି ଲୋକଙ୍କୁ ହତ୍ୟା କଲେ, କିନ୍ତୁ ୮ ଲକ୍ଷ ଭାରତୀୟ ସୈନିକଙ୍କ ମଧ୍ୟରୁ ଜଣେ ମଧ୍ୟ ପହଞ୍ଚିଲେ ନାହିଁ। ପରେ ସେମାନେ ପାକିସ୍ତାନକୁ ଦୋଷ ଦେଲେ।"

ଆଫ୍ରିଦି ନିଜ ବୟାନରେ କ୍ରୀଡ଼ା କୂଟନୀତିର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରିଥିଲେ। ସେ କହିଥିଲେ, "ଆମେ ସବୁବେଳେ ଶାନ୍ତି ଚାହୁଁ। ୨୦୧୬ ଟି-୨୦ ବିଶ୍ୱକପ୍ ସମୟରେ ମୁଁ ଅଧିନାୟକ ଥାଇ ଭାରତ ଯାତ୍ରା ନେଇ ଅନିଶ୍ଚିତ ଥିଲି। କ୍ରୀଡ଼ା କୂଟନୀତି ମଧ୍ୟ ଏକ ଭଲ ମାଧ୍ୟମ। ଭାରତ ନିଜ କବାଡ଼ି ଦଳକୁ ପାକିସ୍ତାନକୁ ପଠାଏ, କିନ୍ତୁ କ୍ରିକେଟ୍ ଦଳ ପଠାଇବାକୁ ଅମଙ୍ଗ।" ଏହା ସହିତ ସେ କହିଥିଲେ ଯେ ପାକିସ୍ତାନ କେବେ ଆତଙ୍କବାଦକୁ ସମର୍ଥନ କରେ ନାହିଁ ଏବଂ ସବୁବେଳେ ଭାରତ ସହ ସୁସମ୍ପର୍କ ଚାହେଁ।

# ସଞ୍ଜୁ ସାମସନ ହେବେ ସିଏସ୍‌କେ ଅଧିନାୟକ : ଡିଲ୍ ପାଇଁ ପ୍ରସ୍ତୁତ

**ନୂଆଦିଲ୍ଲୀ**

ଚର୍ଚ୍ଚାରେ ଭାରତୀୟ ଦଳର ଉଇକେଟକିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ। ଅନ୍ତର୍ଜାତୀୟ କ୍ରିକେଟ ସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ନିଜର ଛାପ ଛାଡ଼ିଥିବା ଏହି କ୍ରିକେଟରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ଆଇପିଏଲ ୨୦୨୬ରେ ଏକ ନୂତନ ଦଳ ପାଇଁ ଖେଳିବେ ବୋଲି କୁହାଯାଉଛି। ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ତାଙ୍କୁ ଦଳରେ ସାମିଲ କରିପାରେ। ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ନିଶ୍ଚିତ କରିଛନ୍ତି। ଖବର ଅଛି ଯେ ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି।

ସିଏସକେର ଜଣେ ବରିଷ୍ଠ ଅଧିକାରୀ କ୍ରିକ୍‌ବଜ୍‌କୁ କହିଛନ୍ତି, 'ଆମେ ନିଶ୍ଚିତ ଭାବରେ ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁଛୁ। ସେ ଓପନିଂ ଏବଂ ଉଇକେଟକିପର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରନ୍ତି। ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ। ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଯେ ତାଙ୍କ ସହିତ କିଏ ଟ୍ରେଡ୍ କରିବ। କାରଣ ମାମଲା ସେହି ସ୍ତରକୁ ଯାଇନାହିଁ। କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ।

ଆଇପିଏଲ ୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରି ନ ଥିଲା। ସଞ୍ଜୁ ଆଇପିଏଲ ୨୦୨୫ରେ ୯ଟି ମ୍ୟାଚ୍‌ରେ ୩୫.୬୩ ଆଭରେଜରେ କେବଳ ୨୮୫ ରନ କରିଥିଲେ, ଯେଉଁଥିରେ ଏକ




ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ ଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ବିଷୟରେ କହିବାକୁ ଗଲେ, ଦଳ ଆଇପିଏଲର ଏହି ସିଜିନରେ ସବୁଠାରୁ ନିମ୍ନ ର୍‍ୟାଙ୍କିଂରେ ଥିଲା।

ତେବେ ସଞ୍ଜୁ ସାମସନଙ୍କର ଆଇପିଏଲରେ ଖେଳିବାର ବହୁତ ଅଭିଜ୍ଞତା ଅଛି। ସେ ଆଇପିଏଲରେ ୧୭୭ ମ୍ୟାଚ୍‌ରେ ୧୩୯.୦୫ ଷ୍ଟ୍ରାଇକ ରେଟ୍‌ରେ ୪୭୦୪ ରନ କରିଛନ୍ତି। ତାଙ୍କ ନାମରେ ତିନୋଟି ଶତକ ମଧ୍ୟ ଅଛି। ସଞ୍ଜୁ ସାମସନ ଉଇକେଟକିପିଂ ଏବଂ ବ୍ୟାଟିଂ ସହିତ ଦଳର କମାଣ୍ଡକୁ ଭଲ ଭାବରେ ସମ୍ଭାଳି ପାରନ୍ତି। ସେ ତାଙ୍କ ଅଧିନାୟକତ୍ୱରେ ରାଜସ୍ଥାନ ରୟାଲ୍ସକୁ ଆଇପିଏଲ ୨୦୨୨ର ଫାଇନାଲରେ ପହଞ୍ଚାଇ ଥିଲେ। ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ ବହୁତ ଖରାପ ପ୍ରଦର୍ଶନ କରିଥିଲା। କେବଳ ଏତିକି ନୁହେଁ, ଆଘାତ ଯୋଗୁ ତାଙ୍କୁ ସିଜିନ ମଝିରେ ଦଳ ଛାଡ଼ିବାକୁ ପଡ଼ିଥିଲା। ଯାହା ପରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଗ୍ରହଣ କଲେ। ତଥାପି, ତାଙ୍କର ଅଧିନାୟକତ୍ୱ ମଧ୍ୟ ବହୁତ ଖରାପ ଥିଲା। ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବେ। କାରଣ ସେ ଓପନିଂ ସହିତ ଉଇକେଟକିପିଂ ଦାୟିତ୍ୱ ମଧ୍ୟ ତୁଲାଇପାରିବେ।

# ଦ୍ୱିତୀୟ ଟେଷ୍ଟରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବ ଭାରତ : ସହାୟକ କୋଚ୍!




**ନୂଆଦିଲ୍ଲୀ**

ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ପାଇଁ ଜୋରଦାର ପ୍ରସ୍ତୁତି କରୁଛି। ତେବେ ଏହା ପୂର୍ବରୁ ଟିମ୍ ଇଣ୍ଡିଆର ଆସିଷ୍ଟାଣ୍ଟ କୋଚ୍ ରିଆନ୍ ଟେନ୍ ଡୋସକଟେ ଟିମ୍‌ର ଚୂଡ଼ାନ୍ତ ଏକାଦଶ ଉପରେ ବଡ଼ ବୟାନ ଦେଇଛନ୍ତି। ପ୍ରଥମ ମ୍ୟାଚ୍ ହାରିବା ପରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ସିରିଜ୍‌ରେ ଭାରତ ୦-୧ ପଛରେ ଅଛି।

ଟିମ୍ ଇଣ୍ଡିଆର ସହାୟକ କୋଚ୍ କହିଛନ୍ତି, 'ମୁଁ ନିଶ୍ଚିତ ଯେ ଦୁଇଜଣ ସ୍ପିନର ଖେଳିବେ। ତେବେ କେଉଁମାନେ ଖେଳିବେ, ତାହା ନିଶ୍ଚିତ ହୋଇନି। ତିନିଜଣ ଭଲ ବୋଲିଂ କରୁଛନ୍ତି। ୱାଶିଂଟନ୍ ସୁନ୍ଦର ମଧ୍ୟ ପ୍ରକୃତରେ ଭଲ ବ୍ୟାଟିଂ କରୁଛନ୍ତି।' ମ୍ୟାଚ୍‌ରେ ଭାରତ ନିଜର ପାରମ୍ପରିକ ଦୁଇ-ସ୍ପିନର ଫର୍ମୁଲା ଫେରିପାରେ। ସମ୍ଭବତଃ ଅଭିଜ୍ଞତା ଏବଂ ଅଲରାଉଣ୍ଡର ମିଶ୍ରଣ। ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂ ତାଙ୍କ ପକ୍ଷରୁ ଭାରି କରିପାରେ। ତଥାପି, ଜଶପ୍ରିତ ବୁମ୍‌ରାଙ୍କ ଉପଲବ୍ଧତା ଏକ ବଡ଼ ପ୍ରଶ୍ନ ରହିଛି। ସମ୍ପୂର୍ଣ୍ଣ ଫିଟ୍ ହୋଇଥିଲେ ମଧ୍ୟ, ଦୀର୍ଘ କାଳୀନ ରଣନୀତି ଅଂଶ ଭାବରେ ବିଶ୍ରାମ ଦିଆଯାଇପାରେ। ଜଶପ୍ରିତ ବୁମ୍‌ରାହ ଖେଳିବାକୁ ପ୍ରସ୍ତୁତ, ଆମେ ଶେଷ ମୁହୂର୍ତ୍ତରେ ତାଙ୍କ ଉପରେ ନିଷ୍ପତ୍ତି ନେବୁ ବୋଲି ଟେନ୍ ଡୋସ୍‌କଟେ କହିଛନ୍ତି।

ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସ୍ପଷ୍ଟ କରିଛନ୍ତି ଯେ ଫଳାଫଳ ଯାହା ହେଉନା କାହିଁକି, ବୁମ୍‌ରାହ ଏହି ସିରିଜର ପାଞ୍ଚଟି ଟେଷ୍ଟ ମଧ୍ୟରୁ କେବଳ ତିନୋଟି ଖେଳିବେ। ଯୁବ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ ପାଇଁ ପ୍ରବଳ ଦାବିଦାର ଅଛନ୍ତି। ନେଟ୍ସରେ ତାଙ୍କ ପ୍ରଦର୍ଶନକୁ ପ୍ରଶଂସା ଟେନ୍ ଡୋଇସକେଟ୍ ପ୍ରଶଂସା କରିଛନ୍ତି।





ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡ଼ିୟମ ପରିସରରେ ଇସିଓଆରଏସଏ (ଏଚକ୍ୟୁ) ପକ୍ଷରୁ ୧୫ ବର୍ଷର କମ୍ ଜୁନିୟର କ୍ରିକେଟ୍ ଲିଗ୍-୨୦୨୫ ଫାଇନାଲ ମ୍ୟାଚ୍‌ରେ ରେଲୱେ ଠାରୁ ୧ ରନ୍‌ରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହେଲା ଗ୍ରୀନ୍ସ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର। ପୁରସ୍କାର ପ୍ରଦାନ ଉତ୍ସବରେ ବେଷ୍ଟ ଫିଲ୍ଡର ଗ୍ରୀନ୍ସ କ୍ରିକେଟ୍ କ୍ଲବ୍‌ର ୱିକେଟ କିପର ସରୋଜ ରଣାଙ୍କୁ ପୁରସ୍କୃତ କରୁଛନ୍ତି ମୁଖ୍ୟଅତିଥି।

# ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ : ସତ୍ୟସ୍ୱରୂପ, ନୈନିକା ବିଜେତା

**ଭୁବନେଶ୍ୱର**

ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସତ୍ୟସ୍ୱରୂପ ତ୍ରିପାଠୀ ଓ ନୈନିକା ସାହୁ ବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ଉଭୟ ୫.୫ ପଏଣ୍ଟ୍ ଲେଖାଏଁ ଅର୍ଜନ କରିଥିଲେ। ଏପିଜେ ସ୍କୁଲ୍ ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲ୍‌ଓଡ଼ିଶା ଚେସ୍ (ଏଓସିଏ) ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏଓସିଏ ଯୁଗ୍ମ ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଂପାଦକ ଶୁଭାଶିଷ ପଟ୍ଟନାୟକ, ସ୍ୱୟାଂଶୁ ସତ୍ୟକାମ, କେଡିସିଏ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ମିଶ୍ର, ସର୍ବେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କୃଷ୍ଣ ବିଶୋଇ ଓ ପୂର୍ଣ୍ଣ ମହାଳିକ ଉପସ୍ଥିତ ଥିଲେ।




# ଗୋପାଳଜୀ ମନ୍ଦିରର ଅଷ୍ଟଧାତୁ ନିର୍ମିତ ବାରଟି ବିରଳ ମୂର୍ତ୍ତି ସିବିଆଇ ମାଲଖାନାରେ ଖତ ଖାଉଛନ୍ତି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ବଡ଼ ଗୋପାଳଜୀ ମନ୍ଦିରର ଅଷ୍ଟଧାତୁ ନିର୍ମିତ ବାରଟି ମୂର୍ତ୍ତି ୧୯୮୩ ମସିହାରେ ଚୋରି ହୋଇ ଯାଇଥିଲା। ଉକ୍ତ ବାରଟି ମୂର୍ତ୍ତି କଣ୍ଟାବାଞ୍ଜିର ବ୍ୟବସାୟୀ ପରମାନନ୍ଦ ଅଗ୍ରୱାଲ ଓ ତାଙ୍କ ପୁଅ ରମେଶ କୁମାର ଅଗ୍ରୱାଲଙ୍କ ଠାରୁ ଦିଲ୍ଲୀର ଫତେପୁର ଚାନ୍ଦନୀ ଚୌକରେ ସିବିଆଇ କର୍ତ୍ତୃପକ୍ଷ ଜବତ କରିଥିଲେ। ଅନୁସନ୍ଧାନରୁ ଜଣାପଡ଼ିଲା ଯେ ଉକ୍ତ ମୂର୍ତ୍ତିଗୁଡିକ ବିନିକାର ରତନ ଜାନି ନାମରେ ଜଣେ ଚୋର ମନ୍ଦିର ତାଲା ଭାଙ୍ଗି ଚୋରି କରିନେଇଥିଲା। ରତନ ଜାନି ଉକ୍ତ ମୂର୍ତ୍ତିକୁ ତରଭାର ଶିବ କୁମାର ଅଗ୍ରୱାଲକୁ ମାତ୍ର ଟ.୧୭୦୦ ଟଙ୍କାରେ ୭୫ କେଜି ପିତ୍ତଳ ମୂଲ୍ୟରେ ବିକ୍ରି କରି ଦେଇଥିଲା। ଶିବ କୁମାର ଅଗ୍ରୱାଲ ଉକ୍ତ ମୂର୍ତ୍ତିକୁ ପରମାନନ୍ଦ ଅଗ୍ରୱାଲ ଓ ପୁଅ ରମେଶ କୁମାର ଅଗ୍ରୱାଲଙ୍କୁ ବିକ୍ରି କରିଥିଲେ। ରାଜ କର୍ମଚାରୀ ଦୁର୍ଗାଶଙ୍କର ପଣ୍ଡା ଓ ମନ୍ଦିର ପୂଜାରୀ ରାମ ଶଙ୍କର ପଣ୍ଡା ତା. ୧୨.୦୫.୧୯୮୩ ସୋନପୁର ଥାନାରେ ରିପୋର୍ଟ କରିଥିଲେ, ଯାହାକୁ ଆଧାର କରି ସୋନପୁର ଏସ.ଡି.ଜେ.ଏମ ଅଦାଲତରେ ଏକ ମୋକଦ୍ଦମା ରୁଜୁ ହୋଇଥିଲା। ପୁଲିସ ଅନୁସନ୍ଧାନ ବଳରେ ତା. ୧୬.୦୨.୧୯୯୪ ମସିହାରେ ରତନ ଜାନି ଗିରଫ ହୋଇଥିଲା ଏବଂ ପୁଲିସ ନିକଟରେ ଦୋଷ ସ୍ୱୀକାର କରିଥିଲା। ମୂର୍ତ୍ତିଗୁଡ଼ିକ ପ୍ରାଚୀନ ହୋଇଥିବାରୁ ସି.ବି.ଆଇ. ଅଦାଲତ ଭାରତୀୟ ପିଙ୍ଗଳ କୋର୍ଡ ୪୫୭ ଓ ୩୮୦ ଦଫା ସହ ୨୫(୨) ଆର/ଡବ୍ଲୁ ଏଏଟି ଆକ୍ଟ ଏବଂ ୪୧୧ ଦଫାରେ ମୋକଦ୍ଦମା ରୁଜୁ କଲେ। ଏହି ମୋକଦ୍ଦମାରେ ରତନ ଜାନିକୁ ୩ ବର୍ଷ ଜେଲ୍, ଟ.୧୦୦୦ ଟଙ୍କା ଅର୍ଥ ଦଣ୍ଡ ଓ ଅନାଦେୟ ୩ ମାସ ଜେଲ୍ ଦଣ୍ଡ ହୋଇଥିଲା। ଉକ୍ତ ଆଦେଶ ବିରୁଦ୍ଧରେ ରତନ ଜାନି ଏପିଲ ନ. ୪୬/୬୫/୨୦୦୯ ଫାଇଲ କରିଥିଲା ଯାହା ଭୁବନେଶ୍ୱର ଭିଜିଲାନ୍ସ ଜଜ୍ ୩ଙ୍କ ଅଦାଲତରେ ବିଚାରାଧୀନ ଥିଲା। ଉକ୍ତ ମୋକଦ୍ଦମାରେ ରାଜ ବଂଶର ପୃଥ୍ୱୀବୀର ସିଂଙ୍କ ସମେତ ରାଜପ୍ରାସାଦର ତତ୍କାଳୀନ ମେନେଜର ନାକଫୁଡି ପଣ୍ଡା ପ୍ରମୁଖ ମୋଟ ୧୭ ଜଣ ସାକ୍ଷୀ ସାକ୍ଷ୍ୟ ଦେଇଛନ୍ତି, ଯେଉଁମାନେ ଚୋରି ହୋଇଥିବା ମୂର୍ତ୍ତିଗୁଡିକ ସୁବର୍ଣ୍ଣପୁର ବଡ଼ ଗୋପାଳଜୀ ମନ୍ଦିରର ବୋଲି ଚିହ୍ନଟ କରିଛନ୍ତି। ପ୍ରକାଶ ଥାଉକି ବଡ଼ ଗୋପାଳଜୀ ମନ୍ଦିରଟି ପ୍ରଥମେ ରାଜାଙ୍କ ଘରୋଇ ସଂପତ୍ତି ଥିଲା। ମାତ୍ର ଗୋପାଳଜୀ ଯୋଗାଳୟର କାର୍ଯ୍ୟକାରୀ ସଭାପତି ଗୋରେଖନାଥ ସାହୁ ତଥା ଅନ୍ୟ ସଭ୍ୟମାନଙ୍କ ଉଦ୍ୟମକ୍ରମେ ତାହାକୁ ସମ୍ବଲପୁର ଦେବୋତ୍ତର ବିଭାଗ ସର୍ବସାଧାରଣ ମନ୍ଦିର ଘୋଷଣା କରିଥିଲେ ଏବଂ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ଏବେ ଖବର ମିଳୁଛି ଯେ ସିବିଆଇ ଅଦାଲତ ଉକ୍ତ ମୂର୍ତ୍ତିଗୁଡିକର ଚିହ୍ନଟ ପାଇଁ ଆଦେଶ ଦେଇଛନ୍ତି। ପ୍ରକାଶ ଥାଉକି ତା. ୦୭.୦୮.୨୦୦୯ରେ ଲଳିତ ମୋହନ ମିଶ୍ର, ସି.ଜେ.ଏମ (ସିବିଆଇ) ଯେଉଁ ଆଦେଶ ଦେଇଛନ୍ତି ସେଥିରେ ସେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି ଯେ ମୂର୍ତ୍ତିଗୁଡ଼ିକ ମନ୍ଦିର ଟ୍ରଷ୍ଟକୁ ସଠିକ୍ ଜିମାନାମା ସହ ଫେରସ୍ତ ଦିଆଯାଇ ତାହାର ପୁନଃ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦିଆଯାଉ। ମନ୍ଦିର ଟ୍ରଷ୍ଟ ବୋର୍ଡର ଅନ୍ୟତମ ସଭ୍ୟ ଗୋରେଖନାଥ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ ମୂର୍ତ୍ତି ଫେରସ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଭୁବନେଶ୍ୱର ଓକିଲ ସଂଘର ଜଣେ ଓକିଲ ସଂଗୀତା ମହାନ୍ତିଙ୍କୁ ନିଯୁକ୍ତ କରିଛନ୍ତି। ତା. ୩୦.୦୬.୨୫ ସିବିଆଇ ଅଦାଲତର ଆଦେଶନାମାର ଏକ ଫଟୋ କପି ସେ ସୋନପୁର ଉପଜିଲ୍ଲାପାଳ ସୌମ୍ୟାରୂପା ରଥଙ୍କୁ ପ୍ରଦାନ କରି ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

# ଗୋଷ୍ଠୀ ସଙ୍ଘର୍ଷ : ଜଣେ ନିହତ, ୪ ଗୁରୁତର

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମରେ ଗ୍ରାମ୍ୟ କମିଟିକୁ ନେଇ ଅଭାବନୀୟ ଘଟଣା ଘଟିଛି। ସଂଘବଦ୍ଧ ଅକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତ ଜଣଙ୍କ ହେଲେ ଗୋବା ଗାଁର ତୋଫାନ ସ୍ୱାଇଁ। ବ୍ରହ୍ମପୁର ଏମକେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଆହତମାନେ ହେଲେ ସୁଧୀର କୁମାର ସ୍ୱାଇଁ, ନନ୍ଦ ବାରିକ, କାଳିଆ ସାହୁ ଓ ରାହୁଲ୍ ସ୍ୱାଇଁ। ଏମାନେ ଛତ୍ରପୁର ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ଉପରେ ଖଣ୍ଡା ଏବଂ ଲୁହା ରଡ଼ରେ ଆକ୍ରମଣ ହୋଇଛି। ପରେ ବ୍ରହ୍ମପୁର ଏମକେସିଜିକୁ ଯାଇ ଛତ୍ରପୁର ପୋଲିସ ଆହତଙ୍କୁ ଭେଟି ପଚରାଉଚରା କରିଥିଲେ। ଛତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ଚନ୍ଦନ ଘଡ଼େଇଙ୍କ ନେତୃତ୍ୱରେ ଛତ୍ରପୁର ଥାନାଧିକାରୀ ଓ ତାଙ୍କ ଟିମ୍ ଗୋବା ଗ୍ରାମରେ ପହଞ୍ଚି ଜୋରଦାର ଛାନଭିନ ଆରମ୍ଭ କରିଛନ୍ତି। ଏନେଇ ଆହତ ସୁଧୀରଙ୍କ ପକ୍ଷରୁ ୨୦ ଜଣଙ୍କ ନାଁରେ ଏତଲା ଦିଆଯାଇଛି। ସୂଚନା ଅନୁଯାୟୀ, ସକାଳ ୧୦ ଘଣ୍ଟ ସମୟରେ ଗୁରୁତର ତୋଫାନ ସ୍ୱାଇଁ ତାରାତାରିଣୀ ମନ୍ଦିରରୁ ଫେରୁଥିବା ସମୟରେ ଗୋବା ଗାଁ ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଖଣ୍ଡା, କାତି, ଡେଙ୍ଗା, ହକି ଷ୍ଟିକ୍, ଲୁହା ରଡ଼ ଆଦିରେ ଅତର୍କିତ



ଆକ୍ରମଣ କରିଥିଲେ। ପରେ ଏସମ୍ପର୍କରେ ଖବର ପାଇ ତୋଫାନ ସ୍ୱାଇଁର କକା ପୁଅ ଭାଇ ସୁଧୀର ସ୍ୱାଇଁ ଓ ତାଙ୍କର ସମ୍ପର୍କୀୟ ଭାଇମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଛାଡ଼ିନଥିଲେ। ଫଳରେ ସେମାନେ ମଧ୍ୟ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆହତମାନଙ୍କୁ ଅଣାଯାଇଥିଲା। ସେଠାରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ତୋଫାନ ସ୍ୱାଇଁଙ୍କ ଦୁଇ ହାତ ଓ ଦୁଇ ଗୋଡ଼କୁ ହାଣିବା ସହ ଠେଙ୍ଗାରେ ବାଡ଼େଇ ଭଙ୍ଗାଯାଇଛି, ତେଣୁ ଅବସ୍ଥା ସାଙ୍ଘାତିକ ଥିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
B-257

File No-B-II-Rev.-19/2024 Lr. No.- 25006 Bhubaneswar, the 26th June, 2025

**Invitation for Bids**
**Bid Identification No. C.E. (B) – 15 / 2025-26**

| | | | |
|---|---|---|---|
| 1. | The Chief Engineer (Buildings-II), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, "Construction of New Annex Building inside the premises of Circuit House, Keonjhar" as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.07.07.2025 to 17.00 Hours of dt.23.07.2025. |
| 7. | Date of Opening of Bid | : | Dt.24.07.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/- Chief Engineer (Buildings-II), Odisha, Bhubaneswar
OIPR-34117/11/0115/2526

# ବୋତଲ ପାଣି କେତେ ଭରସାଯୋଗ୍ୟ : ୧୫ ଦିନରେ ତିନି ପାଣି ବଟଲିଂ ୟୁନିଟ୍ ବନ୍ଦ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ତାତି ବୃଦ୍ଧି ଯୋଗୁଁ ବୋତଲ ପାଣିର ଚାହିଦା ଢେର ବଢ଼ିଛି। ସ୍ୱଚ୍ଛ ପାଣି ଟିକେ ପିଇବା ପାଇଁ ବଜାରରୁ ବୋତଲ ପାଣି କିଣୁଛନ୍ତି ଗ୍ରାହକ। ହେଲେ ବଜାରରେ ମିଳୁଥିବା ବୋତଲ ପାଣି କେତେ ଶୁଦ୍ଧ ତାହା ଜାଣିବା ମୁସ୍କିଲ୍। କିଛି ନାମୀଦାମୀ କମ୍ପାନୀର ପାଣି ବୋତଲକୁ ନକଲ କରି ବଜାରରେ ଏହି ବ୍ୟବସାୟ ମାଡ଼ି ଚାଲିଛି। ଅସାଧୁ ବ୍ୟବସାୟୀ ଏହି କାରବାର କରି ପୁଳାପୁଳା ଟଙ୍କା ରୋଜଗାର କରୁଛନ୍ତି। ପାଣି ସ୍ୱଚ୍ଛ କି ଅସ୍ୱଚ୍ଛ, ପଇସା ଦେଇ ପାଣି ପିଉଥିବା ଗ୍ରାହକ ଜାଣିବା କଷ୍ଟକର। କେବଳ ବୋତଲ ପାଣି ନୁହେଁ, ପାଉଚ୍ ଓ ୨୦ ଲିଟର ବିଶିଷ୍ଟ ଜାର୍‌ରେ ବି ପାଣି ବିକ୍ରି ଚାଲିଛି। ଖାଦ୍ୟ ନିରାପତ୍ତା ବିଭାଗର ହସ୍ତକ୍ଷେପ ନ ହେବା ପର୍ଯ୍ୟନ୍ତ ନକଲି ବିକ୍ରି ଜାରି ରହୁଛି। ଏ ସମସ୍ତ କାରବାର ପାଇଁ ବିଆଇଏସ୍ ସ୍ୱୀକୃତି ଆବଶ୍ୟକ। ଅଥଚ କେତେ ଜଣଙ୍କ ପାଖରେ ଉପରୋକ୍ତ ସ୍ୱୀକୃତି ରହିଛି ତାହାର ହିସାବ ନାହିଁ। ୧୫ ଦିନ ଭିତରେ ବ୍ରହ୍ମପୁର ସହରର ତିନୋଟି ପାଣି ବୋଟଲିଂ ୟୁନିଟ୍‌ରେ ଚଢ଼ଉ ହୋଇଛି। ଆବଶ୍ୟକ ପ୍ରମାଣପତ୍ର, ଅନୁମୋଦନ ଓ ଗୁଣବତ୍ତା ଅଭାବରୁ ସେଗୁଡ଼ିକର ଉତ୍ପାଦନକୁ ତୁରନ୍ତ ବନ୍ଦ କରି ଦିଆଯାଇଛି। ଆଉ ଗୋଟିଏ ୟୁନିଟ୍‌ର ନମୁନା ଯାଞ୍ଚ ପାଇଁ ପଠାଯାଇଛି। ରାଜ୍ୟରେ ଡାଇରିଆ ସ୍ଥିତିକୁ ଦେଖି ବ୍ରହ୍ମପୁର ମହାନଗର ନିଗମର ଖାଦ୍ୟ ନିରାପତା ବିଭାଗ ଖାଦ୍ୟ ପ୍ରସ୍ତୁତକାରୀ ଓ ପାଣି ବଟଲିଂ ୟୁନିଟ୍‌ର ଯାଞ୍ଚକୁ ଗୁରୁତ୍ୱ ଦେଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶରେ ଗତ ୧୭ ତାରିଖ ଦିନ ଗାନ୍ଧୀନଗରସ୍ଥିତ ସିରିଡ଼ିସାଇ ୱାଟର ୟୁନିଟ୍‌ରେ ଚଢ଼ଉ କରାଯାଇଥିଲା। ଅପରିଷ୍କାର ପରିବେଶ, ଅବୈଧ ଲାଇସେନ୍ସ ଏବଂ ଅନୁପଯୁକ୍ତ ଲେବଲିଂ ପାଇଁ ପାଣି ବଟଲିଂ ୟୁନିଟ୍‌ର ଉତ୍ପାଦନ ବନ୍ଦ କରାଯାଇ ଥିଲା। ବଟଲିଂ ୟୁନିଟ୍ ମାଲିକଙ୍କୁ ନୋଟିସ୍ ଜାରି ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଥିଲା। ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲା ଖାଦ୍ୟ ନିରାପତା ବିଭାଗ। ସେହିଭଳି ୨୭ ତାରିଖରେ ଆଙ୍କୁଲି ଠାରେ ଦୁଇଟି ପାଣି ବଟଲିଂ ୟୁନିଟ୍‌ରେ ଚଢ଼ଉ କରାଯାଇଥିଲା। ଉତ୍ପାଦନ ଓ ବିକ୍ରି ହେଉଥିବା ପାଣି ଗୁଣବତା ଉଚିତ୍ ନଥିବା ଅଭିଯୋଗରେ ଦୁଇଟି ଯାକ ୟୁନିଟ୍‌କୁ କ୍ଲୋଜର ନୋଟିସ ଦେଇଛି ଖାଦ୍ୟ ନିରାପତ୍ତା ବିଭାଗ। ଏଥି ସହିତ ୧୫ ହଜାର ଟଙ୍କା ଜୋରିମାନା ମଧ୍ୟ ଆଦାୟ କରାଯାଇଛି। ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଗତ ୧୫ ଦିନ ମଧ୍ୟରେ ସହରର ତିନୋଟି ପାଣି ବଟଲିଂ ୟୁନିଟ୍‌ରେ ଚଢ଼ଉ ଓ ବନ୍ଦ କରାଯିବା ଘଟଣା ଏବେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ଏହି ୟୁନିଟ୍ ସବୁ ଚାଲିଥିଲା। ପାଣି ବୋତଲ କରି ବଜାରରେ ବିକ୍ରି ହେଉଥିଲା। ଧରପଗଡ଼ ପରେ ବେଆଇନ୍ ପାଣି ବ୍ୟବସାୟର ମୁଖା ଖୋଲିଛି। ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡ଼ଙ୍ଗାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅସାଧୁ ଉପାୟରେ ପାଣି ବଟଲିଂ ଓ ଉତ୍ପାଦନ କରୁଥିବା ୟୁନିଟ୍‌ଗୁଡ଼ିକ ଉପରେ ଚଢ଼ଉ କରାଯାଇ ନୋଟିସ ଦିଆଯାଇଛି ଏବଂ ଜୋରିମାନା ଆଦାୟ କରାଯାଉଛି। ଏବେ ସ୍ୱତନ୍ତ୍ର ଡ୍ରାଇଭ୍ ମାଧ୍ୟମରେ ଯାଞ୍ଚ ଚାଲିଛି। ବାରମ୍ବାର ନିୟମ ଖିଲାପ କଲେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତ୍ୟେକ ବ୍ୟବସାୟ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ସଂସ୍ଥାର ଅନୁମତି ଓ ଅନୁମୋଦନ ଆବଶ୍ୟକ। ପାଣି ବ୍ୟବସାୟ ପାଇଁ ବିଆଇଏସ୍ ଆଞ୍ଚଳିକ କ୍ଷେତ୍ର ସ୍ତରର ଅଧିକାରୀ ଜଳ ବିଶୋଧନାଗାର, ବଟଲିଂ ପ୍ଲାଣ୍ଟ୍ ଆଦି ଯାଞ୍ଚ କରିବା ବ୍ୟବସ୍ଥା ରହିଛି। ସ୍ୱୀକୃତି ପ୍ରଦାନ ପରେ ମଧ୍ୟ ନିୟମିତ ବ୍ୟବଧାନରେ ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବା ନିୟମ ରହିଛି। ଏହି ଜାତୀୟସ୍ତରର ସରକାରୀ ସଂସ୍ଥାରୁ ସ୍ୱୀକୃତି ପାଇବା ପରେ ଜଣେ ବ୍ୟବସାୟୀ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଠାରୁ ଲାଇସେନ୍ସ ପାଇବାକୁ ଯୋଗ୍ୟ ବିବେଚିତ ହେବେ ଏବଂ ଏହାପରେ ବ୍ୟବସାୟ କରିପାରିବେ। ଏହିଭଳି ପଞ୍ଜିକୃତ ସଂସ୍ଥାର ପାଣି ବୋତଲ ଶୁଦ୍ଧ ଓ ସୁରକ୍ଷିତ। ବିଶ୍ୱସ୍ତ ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ବିଆଇଏସ୍ ଠାରୁ ମୋଟ ୨୬ଟି ସଂସ୍ଥା ସ୍ୱୀକୃତି ହାସଲ କରିଛନ୍ତି। ସେଥିରେ ୬ଟି ସଂସ୍ଥାକୁ ପେଟ୍ ଜାର୍ (୨୦ ଲିଟର ବୋତଲ) ଏବଂ ଅନ୍ୟ ୨୦ଟି ସଂସ୍ଥାକୁ ବିଭିନ୍ନ ପ୍ରକାର ବୋତଲ ଓ ପାଣି ପାଉଚ୍ ପ୍ୟାକେଜିଂ ଓ ବିକ୍ରି ଅନୁମତି ମିଳିଛି। ମାତ୍ର ଏମାନଙ୍କ ଆଢୁ଼ ଆଳରେ ଆହୁରି ଅନେକ ନକଲି ସଂସ୍ଥା ବଜାରରେ ପାଣି ବିକ୍ରି କରୁଥିବା ଅଭିଯୋଗ ହେଉଛି।





# ହେରା ପଞ୍ଚମୀରେ ନୃସିଂହ ରୂପରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ବଡ଼ ବଜାର ଜଗନ୍ନାଥ ମନ୍ଦିର ପରିଚାଳନକ୍ଷ କମିଟି ପକ୍ଷରୁ ପ୍ରତିବର୍ଷ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଏହି ଉପଲକ୍ଷେ ମଙ୍ଗଳବାର ନୃସିଂହ ରୂପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ତ୍ରିବେଣୀ ମଠ ଛକ ନିକଟସ୍ଥ ମାଉସୀ ମା ମନ୍ଦିରରେ ତିନି ଠାକୁର ପୂଜା ପାଉଥିବା ହେତୁ ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ସୁଅ ଛୁଟୁଥିବା



ଦେଖିବାକୁ ମିଳିଛି । ପୂଜକ ରିଣ୍ଟୁ ଶତପଥୀ, ସେବାୟତ ପ୍ରଭାକରପାଣିଗ୍ରାହୀ, ବାଡ଼ଗ୍ରାହୀ ଦୀପକ ପଣ୍ଡା, ସେବାୟତ ପପୁ ପଣ୍ଡା, ଦଇତାପତି ଅମିତ ପାଣିଗ୍ରାହୀଙ୍କ ସମେତ ପରିଚାଳନା କମିଟି ମୁଖ୍ୟ ସହଯୋଗରେ ଚାଲିଛି ଗୁଣ୍ଡିଚା ଯାତ୍ରା। ହେରା ପଞ୍ଚମୀରେ ଠାକୁରଙ୍କ ନୃସିଂହ ବେଶ ଦର୍ଶନ କରିବାକୁ ବହୁ ଭକ୍ତଙ୍କ ଭିଡ଼ ଜାମୁଥିବା ଦଇତାପତି ପପୁ ପଣ୍ଡା ସୂଚନା ଦେଇଛନ୍ତି ।

# ଦୋଷୀ ପ୍ରଭାବଶାଳୀ ହେଲେ ବି ମିଳିବ ଦଣ୍ଡ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୋଷୀ ଯେତେ ପ୍ରଭାବଶାଳୀ ହୋଇଥାଆନ୍ତୁ ନା, କାହିଁକି ତାଙ୍କୁ କଠୋର ଦଣ୍ଡ ଦିଆଯିବ । ଓଏଏସ୍ ଅଧିକାରୀଙ୍କୁ ଆକ୍ରମଣକାରୀ ଓ ଏହା ପଛରେ ଯେଉଁମାନେ ବି ରହିଛନ୍ତି ସମସ୍ତଙ୍କୁ ଜେଲ୍‌ରେ ପୂରାଇବୁ । ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବୁ, କାହାକୁ ଛାଡ଼ିବୁନି । ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘର ପ୍ରତିନିଧି ଦଳକୁ ଏଭଳି ଆଶ୍ୱାସନା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ରାତି ପ୍ରାୟ ୧୧ଟାରେ ଓଏଏସ୍ ସଂଘର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଘଟଣାରେ ପୁଲିସ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନେଇ ୩ଜଣଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଖୋଜା ଚାଲିଛି । ଓଏଏସ୍‌ମାନେ ମଙ୍ଗଳବାରଠାରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲେ । ଏ ସମ୍ପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଛୁଟିରେ ନ ଯିବାକୁ ଅନୁରୋଧ କରିଥିଲେ। ମୋ ଉପରେ ଆସ୍ଥା ରଖନ୍ତୁ । ମୁଁ ନିଶ୍ଚୟ ପଦକ୍ଷେପ ନେବି ବୋଲି ସଂଘକୁ କହିଛନ୍ତି । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇବି ଖୁରାନିଆ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପରେ ଓଏଏସ୍ ସଂଘ ସମୂହ ଛୁଟି ଜାରି ରହିଥିବା ସୂଚନା ମିଳିଛି। ତେବେ ପ୍ରତି ଜିଲ୍ଲା ପ୍ରଶାସନିକ ସେବା ସଂଘ ଓ ରାଜ୍ୟ ପ୍ରଶାସନିକ ସେବା ସଂଘର ସଦସ୍ୟମାନେ ଏକାଠି ହୋଇ ଏହି ଘଟଣାର ନିନ୍ଦା କରିଥିବା ବେଳେ ଓଏଏସ୍ ସଂଘ ସମୂହ ଛୁଟି ଜାରି ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପ୍ରସ୍ତାବ ପାରିତ କରି ରାଜ୍ୟ ସଂଘକୁ ପଠାଇବାକୁ ଓଏଏସ୍ ସଂଘ ପକ୍ଷରୁ ଅପିଲ୍ କରାଯାଇଥିଲା। ସନ୍ଧ୍ୟାରେ ଓଏଏସ୍ ସଂଘର ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କୁ ଭେଟି ସମୂହ ଛୁଟି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥିଲେ । ଓଏଏସ୍ ସଂଘ କହିଛି, କେବଳ ଏହି ଗୋଟିଏ ଘଟଣା ନୁହେଁ, ବର୍ଷେ ହେଲାଣି ସରକାରୀ ଅଧିକାରୀଙ୍କୁ ଅପମାନିତ କରିବାକୁ ଲଗାତର ଅପପ୍ରୟାସ ଚାଲିଛି । ଏଥିପାଇଁ ଅନେକ ମିଛ କାହାଣୀ ସୃଷ୍ଟି କରାଯାଉଛି । ଅଧିକାରୀମାନେ ଶାରୀରିକ ଆଘାତ ଓ ଅସଦାଚରଣ ସହିତ ମାନସିକ ଯନ୍ତ୍ରଣାକୁ ସାମ୍ନା କରୁଛନ୍ତି । ଏଭଳି ମାନସିକତା ଦୁର୍ଭାଗ୍ୟଜନକ ଓ ଗଭୀର ଚିନ୍ତାଜନକ। ରାଜ୍ୟରେ କାମ କରୁଥିବା ସବୁ ସରକାରୀ ଅଧିକାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଏହା ଭୟଙ୍କର ବିପଦ ସୃଷ୍ଟି କରୁଛି । କାର୍ଯ୍ୟରତ ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣର ଅର୍ଥ ପ୍ରଶାସନିକ ଢାଞ୍ଚା ଉପରେ ସିଧାସଳଖ ଆକ୍ରମଣ ହୋଇଛି। ସଂଘ ଏହାକୁ କଠୋର ନିନ୍ଦା କରିବା ସହ ଆକ୍ରମଣର ଶିକାର ଅଧିକାରୀଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଜଣାଇଥିବା ସହ କର୍ତ୍ତୃପକ୍ଷ ଏହି ଘଟଣାରେ ତତ୍କାଳ ଓ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି । କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ମଧ ଦାବି ହୋଇଛି । ସେବେ ଯାଏ ସବୁ ଓଏଏସ୍ ଛୁଟିରେ ରୁହନ୍ତୁ ବୋଲି ସଂଘ ପୂର୍ବରୁ ଅପିଲ୍ କରିଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପରେ ଏହାକୁ ସ୍ଥଗିତ ରଖାଯାଇଛି । ସଂଘର ସାଧାରଣ ସମ୍ପାଦକ ସାଧାରଣ ସମ୍ପାଦକ ବିଜୟ ସ୍ୱାଇଁ କହିଛନ୍ତି, ଆକ୍ରମଣର ଶିକାର ରତ୍ନାକର ସାହୁଙ୍କ ପୂରା ଚାକିରୀ କାଳ କେବିକେ ଅଞ୍ଚଳରେ କଟିଛି । ସେଠାରେ ନିଷ୍ପାପର ଭାବେ କାମ କରି ନିକଟରେ ବିଏମ୍‌ସି ଆସିଛନ୍ତି। କିନ୍ତୁ ତାଙ୍କ ଉପରେ ଯେଭଳି ଅମାନୁଷିକ ଆକ୍ରମଣ ହେଲା ତାହା ନିନ୍ଦନୀୟ । ଏଭଳି ଘଟଣା ଯୋଗୁ ନିଷ୍ପାପର ଭାବେ ସରକାରୀ ସେବା କରୁଥିବା ଅଧିକାରୀଙ୍କ ମନୋବଳ ଭାଙ୍ଗିଯିବ । ଏହାକୁ ଆମେ ଦୃଢ଼ ବିରୋଧ କରୁଛୁ। ନିଷ୍ପତ୍ତିରୁ ଓହରି ନାହାନ୍ତି ବୋଲି ସୂଚନା ମିଳିଛି।

## ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ

# ପଣ୍ୟ ପରିବହନରେ ୯.୬୯% ଅଭିବୃଦ୍ଧି ହାସଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକରେ ପଣ୍ୟ ପରିବହନରେ ଏକ ଦୃଢ଼ ପ୍ରଦର୍ଶନ ହାସଲ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ପୂର୍ବତଟ ରେଳପଥ ୬୨.୨ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲାବେଳେ ଚଳିତ ଆର୍ଥିକ ବର୍ଷର ସମାନ ଅବଧିରେ ମୋଟ ୬୮.୧୯ ନିୟୁତ ଟନ୍ ବୋଝେଇ କରିଛି, ଯାହା ପ୍ରଶଂସନୀୟ



୯.୬୯% ବୃଦ୍ଧିକୁ ପ୍ରତିଫଳିତ କରୁଅଛି । କେବଳ ଜୁନ୍ ୨୦୨୫ ରେ, ପଣ୍ୟ ପରିବହନ ୨୩.୧୫ ନିୟୁତ ଟନ୍ ରେ ପହଞ୍ଚିଛି ଯାହା ୨୦୨୪ର ସମାନ ଅବଧି ମଧ୍ୟରେ ପଣ୍ୟ ବୋଝେଇ ୨୧.୪୯ ନିୟୁତ ଟନ୍ ତୁଳନାରେ ୭.୭୨% ବୃଦ୍ଧି ପାଇଛି । ପୂର୍ବତଟ ରେଳପଥ ଦ୍ୱାରା ଦୈନିକ ହାରାହାରି ପଣ୍ୟ ପରିବହନ ବର୍ତ୍ତମାନ ପ୍ରାୟ ୦.୭୫ ନିୟୁତ ଟନ୍ ରହିଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହାର ମହତ୍ୱାକାଂକ୍ଷୀ ବାର୍ଷିକ ଲକ୍ଷ୍ୟ ହାସଲ କରିବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି । ଏହି ସ୍ଥିର ଅଭିବୃଦ୍ଧି କେବଳ ଦକ୍ଷ ଯୋଜନା, ଉନ୍ନତ କାର୍ଯ୍ୟକ୍ଷମ ପରିଚାଳନା ଏବଂ କୋଇଲା, ଲୁହାଖଣି, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡ଼ିକ ସହିତ ପଣ୍ୟ ପରିବହନ ଗ୍ରାହକମାନଙ୍କ ସହିତ ସକ୍ରିୟ ସମନ୍ୱୟ ଯୋଗୁଁ ସମ୍ଭବ ହୋଇପାରିଛି । ଦେଶର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ସୁବର୍ଣ୍ଣପୁର ଜିଲ୍ଲା ଓଏଏସ ସଂଘର ନିନ୍ଦା



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଏମସି ଅତିରିକ୍ତ କମିଶନରଙ୍କୁ ଗତ ସୋମବାର ଦିନ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ହୋଇଥିବା ଆକ୍ରମଣର ପ୍ରତିବାଦ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓଡ଼ିଶା ପ୍ରଶାସନିକ ଅଧିକାରୀ ସମୂହ ସମେତ ଓଡ଼ିଶା ରାଜସ୍ୱ ଅଧିକାରୀ ବୃନ୍ଦ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ କମିଶନରଙ୍କୁ ବିଏମସି କାର୍ଯ୍ୟାଳୟ ପରିସରରେ କେତେ ଜଣ ବ୍ୟକ୍ତି ଅଶାଳୀନ ଭାଷା କହିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହା ଅତିରିକ୍ତ କମିଶନରଙ୍କ ଜୀବନ ପ୍ରତି ନିଶ୍ଚିତ ଭାବେ ବିପଦପୂର୍ଣ୍ଣ ରହିଥିବା ବେଳେ ଏତାଦୃଶ ନିନ୍ଦନୀୟ କାର୍ଯ୍ୟକଳାପ ଆଗାମୀ ଦିନରେ ରାଜ୍ୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ ଭୟ ବାତାବରଣ ସୃଷ୍ଟି କରିବ ବୋଲି ଅଧିକାରୀ ବୃନ୍ଦ ଆଲୋଚନାରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧିକାରୀଙ୍କ ଉପରକୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ,ରାଜସ୍ୱ ସେବା ଅଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅନ୍ୟାନ୍ୟ ସେବା ଅଧିକାରୀ,ଜିଲ୍ଲା ରାଜସ୍ୱ ଅମଲା ସଂଘ, ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ସୁବର୍ଣ୍ଣପୁର ଜିଲ୍ଲା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ,ସମୂହ ଦୃଢ଼ ନିନ୍ଦା ଓ ବିରୋଧ କରିବା ସହ ରାଜ୍ୟ ସ୍ତରୀୟ ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘ ର କାର୍ଯ୍ୟ ବନ୍ଦ ପ୍ରତ୍ୟାହାର ନିଷ୍ପତ୍ତି କୁ ମଧ ବିରୋଧ କରିଥିଲେ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘ ଦ୍ୱାରା ଅତିରିକ୍ତ କମିଶନର, ଭୁବନେଶ୍ୱର ମହା ନଗର ନିଗମ କରାଯାଇଥିବା ଆକ୍ରମଣ, ମାଡ ମାରିବା ଘଟଣା ଓ ଦୁର୍ବ୍ୟବହାର ଘୋର ବିରୋଧ କରି ଓ ସଂପୃକ୍ତ ଦୁର୍ବୃତ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନ ଗତ କରାର୍ଯ୍ୟନୁଷ୍ଠାନ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସଂଘକୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରି ପ୍ରସ୍ତାବ ଗୃହୀତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଓଡିଶା ପ୍ରଶାସନିକ ସେବା ଅଧିକାରୀମାନେ ସମୂହ ଛୁଟିରେ ଯିବା ଉଦ୍ଦେଶ୍ୟରେ ଏକ ଦାବି ପତ୍ର ସ୍ମାରକ ପତ୍ର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିବା ସୂଚନା ପ୍ରଦାନ କରାଯାଇଛି। ବୈଠକରେ ଜିଲ୍ଲାର କାର୍ଯ୍ୟରତ ସମସ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ, ରାଜସ୍ୱ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏତଦ୍ ବ୍ୟତୀତ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଓ ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ କର୍ମଚାରୀ ସଂଘ ଯଥା -ରାଜସ୍ୱ ଅମଲା ସଂଘ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ, ଡାଟା ଏଣ୍ଟ୍ରି ଅପରେଟରମାନେ କର୍ମଚାରୀ ସଂଘ, ଡ୍ରାଇଭର ସଂଘ ଅନ୍ୟାନ୍ୟ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ସମୂହ ଛୁଟିରେ ଯିବା ନିଷ୍ପତ୍ତିକୁ ସମର୍ଥନ ଜଣାଇଥିବା ସୁବର୍ଣ୍ଣପୁର ଜିଲ୍ଲା ଓଡିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ତରଫରୁ ପ୍ରକାଶ।

# ଭକ୍ତି ଓ ସେବାର ପରାକାଷ୍ଠା ଦେଖାଇଲେ ଗୌତମ ଆଦାନୀ: ଇସ୍କନ

**ପୁରୀ, ନ୍ୟୁଜ ବ୍ୟୁରୋ**

ଆଦାନୀ ଗ୍ରୁପ ଏବଂ ଇସ୍କନ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ 'ପ୍ରସାଦ ସେବା' ବଣ୍ଟନ କରାଯାଉଥିବା ବେଳେ ଅଧକ୍ଷ ଗୌତମ ଆଦାନୀ ଇସ୍କନର ରୋଷଶାଳା ପରିଦର୍ଶନ କରିଛନ୍ତି । ରୋଷଶାଳାରେ ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ରନ୍ଧାଯାଉଛି, ଯେଉଁଥିରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଏହାକୁ ଶ୍ରୀ ଆଦାନୀ ସପରିବାର ପୁରୀରେ ମହାପ୍ରଭୁଙ୍କ ଦର୍ଶନ କରିବା ଅବସରରେ ଇସ୍କନ ରୋଷଶାଳା ପରିଦର୍ଶନ କରି ଉଦାରତାର ସହ ଖାଦ୍ୟ ରାନ୍ଧିବାରେ ସହଯୋଗ କରିଥିଲେ । ପରିଦର୍ଶନ ସମୟରେ ସ୍ୱେଚ୍ଛାସେବୀମାନେ ଶ୍ରୀ ଆଦାନୀଙ୍କୁ ରୋଷେଇରେ ଯୋଗ ଦେବାକୁ ଅନୁରୋଧ କରିଥିଲା ବେଳେ ତାଙ୍କର ସେବା ମନୋବୃତ୍ତି ଯୋଗୁ ସେ ରୋଷେଇ କରିବାକୁ ଆଗଭର ହୋଇଥିଲେ । କେବଳ ଶ୍ରୀ ଆଦାନୀ





ନୁହେଁ, ତାଙ୍କ ପତ୍ନୀ ପ୍ରୀତି ଆଦାନୀ ଏବଂ ପୁତ୍ର କରଣ ଆଦାନୀ ମଧ ରୋଷଶାଳାରେ ରାନ୍ଧିବାରେ ସହଯୋଗ କରିଥିଲେ । 'ଶ୍ରୀ ଆଦାନୀ ରୋଷଶାଳା ସେବାରେ ଯୋଗ ଦେବାର ଇଚ୍ଛା ପ୍ରମାଣିତ କରୁଛି ଯେ, ପ୍ରକୃତ ମହାନତା କେବଳ ଉଚ୍ଚ ପଦବୀରେ ରହିବା ଦ୍ୱାରା ନୁହେଁ ବରଂ ଅନ୍ୟମାନଙ୍କ ସେବା କରିବା ଦ୍ୱାରା ଆସିଥାଏ । ଇସ୍କନ ବିଶ୍ୱସ କରେ ଯେ, ଏପରି ଆଧାତ୍ମିକ ସେବାରେ ଆଦାନୀ ପରିବାରର ବ୍ୟକ୍ତିଗତ ସମ୍ପୃକ୍ତି ପ୍ରେରଣାଦାୟକ । ସେମାନଙ୍କର ନମ୍ର ଓ ମୂଲ୍ୟବୋଧ ଆଧାରିତ ନେତୃତ୍ୱ ଅନ୍ୟ ଶିଳ୍ପପତିମାନଙ୍କୁ ଭାରତୀୟ ସାଂସ୍କୃତିକ ଓ ଆଧାତ୍ମିକ ପରମ୍ପରାକୁ ଅଧିକ ହୃଦୟଙ୍ଗମ ଭାବରେ ସମର୍ଥନ ଏବଂ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ ।

# ବରଗଡ଼ ଜିଲ୍ଲା ଓଏଏସ ସଂଘର ସାମୁହିକ ଛୁଟି



**ବରଗଡ, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍‌ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଅମାନୁଷିକ ଆକ୍ରମଣକୁ ଦୃଢ଼ନିନ୍ଦା କରି ବରଗଡ ଜିଲ୍ଲାରେ କାର୍ଯ୍ୟରତ ୪୨ ଜଣ ଓଏଏସ ଅଧିକାରୀ ଏବଂ ୨୨ ଜଣ ଓଆରଏସ ଅଧିକାରୀଙ୍କୁ ମିଶାଇ ସମୁଦାୟ ୬୫ ଜଣ ଅଧିକାରୀ ଆଜିଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ବରିଷ୍ଠ ଓଏଏସ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ଉପସ୍ଥିତ ଥିଲେ।

# ରାଜଧାନୀରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି ସଫେଇ କର୍ମଚାରୀ । ସୋମବାର ବିଏମସିର ଓଏସ ଅଫିସରଙ୍କୁ ମାଡ ଘଟଣାରେ ବିଏମସି କର୍ମଚାରୀ ପ୍ରତିବାଦରେ ସମସ୍ତ ସେବା ବନ୍ଦ କରିଛନ୍ତି। ସୋମବାର ଓଏଏସ ଅଫିସର ରତ୍ନାକର ସାହୁଙ୍କୁ ଆକ୍ରମଣ ହୋଇଥିଲା । ଏହାକୁ ବିରୋଧ କରି ବିଏମସି ସଫେଇ କର୍ମଚାରୀ ଆଜି ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ କାର୍ଯ୍ୟ ବନ୍ଦ କରିଛନ୍ତି। ପ୍ରତିବାଦରେ ଝାଡୁ ନ କରି ସେବା ବନ୍ଦ କରିଛନ୍ତି ସଫେଇ କର୍ମଚାରୀ । ୪୪,୪୦,୯,୩୨,୩୦ ସହ ଅନ୍ୟାନ୍ୟ ୱାର୍ଡରେ ସଫେଇ କାମ ବନ୍ଦ ରଖିଛନ୍ତି ସଫେଇ କର୍ମଚାରୀ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହେରାପଞ୍ଚମୀ...

ଶ୍ରୀଜଗନ୍ନାଥ । ଏଥିପାଇଁ ଷଷ୍ଠୀରେ ୩ରଥକୁ ଦକ୍ଷଣ ମୋଡ଼ ପାଇଁ ଦିଅନ୍ତି ନିର୍ଦ୍ଦେଶ । ସକାଳଧୂପ ସରିବା ପରେ ୩ଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଅଜ୍ଞାମାଳ ନେଇ ରଥ ନିକଟରେ ପହଞ୍ଚିବା ପରେ ରଥ ଦକ୍ଷିଣମୋଡ ହୋଇ ନାକଚଣା ଦ୍ୱାର ନିକଟରେ ପହଞ୍ଚିବେ । ଏଥପାଇଁ ୩ ରଥର ଯାଞ୍ଚ ଓ ଆବଶ୍ୟକ ମରାମତି କରାଯାଇଛି । ଶ୍ରୀମନ୍ଦିର ବୈଷୟିକ ଟିମ୍ ଓ ପୂର୍ତ୍ତ ବିଭାଗର ଏକ ସ୍ୱତନ୍ତ୍ର ଟିମ ଓ ରେଲୱେର ବୈଷୟିକ ଟିମ ରଥର ଯାଞ୍ଚ କରିଛନ୍ତି। ଆସନ୍ତା ୪ ତାରିଖ ନବମୀ ସନ୍ଧ୍ୟା ଦର୍ଶନ । ସକାଳ ୭ ଟା ରୁ ଅପରାହ୍ନ ୫ ଟା ଯାଏଁ ହିଁ ଦର୍ଶନ ଚାଲିବ। ତା ପରଦିନ ବାହୁଡ଼ାଯାତ୍ରା ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି ।

## ବିଏମ୍‌ସି ଘଟଣା ...

ରଶ୍ମି ରଞ୍ଜନ ମହାପାତ୍ର , ଦେବାଶିଷ ପ୍ରଧାନ , ସଚିକାନ୍ତ ସ୍ୱାଇଁ ଏବଂ ସଂଜୀବ ମିଶ୍ର। ବିଏମସି କାର୍ଯ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣାର ପ୍ରତିବାଦ ଜାରି ରହିଛି। ଆଗକୁ ଭବିଷ୍ୟତରେ ଯେମିତି ଏ ଘଟଣା ନ ଘଟିବ ତାକୁ ନେଇ କାମ ଚାଲିଛି। ସୁରକ୍ଷିତ ରହି କାମ କରିବେ କର୍ମଚାରୀ। ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ବିଏମସି ଅଫିସରେ ସିକ୍ୟୁରିଟି ବଢାଯାଇଛି ବୋଲି କହିଛନ୍ତି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ । ସୋମବାର ବିଏମ୍‌ସି ଅଫିସରେ ଘଟିଥିବା ଆକ୍ରମଣ ଘଟଣାକୁ ସେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ବାସ୍ତବରେ ଦୁର୍ଘଟଣା ପଛର କାରଣ କଣ ତାର ଯାଞ୍ଚ ହେବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ଯିବାକୁ ଓଏଏସ ସଂଘର ନିଷ୍ପତ୍ତି ସାମୟିକ ସ୍ଥଗିତ ରଖାଯାଇଛି। କଳା ବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି ବିଏମସି କର୍ମଚାରୀ। ସମସ୍ତ ଅଭିଯୁକ୍ତ ଗିରଫ ନହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ, ପୋଲିସ ଡିଜିଙ୍କ ସହ ଆଲୋଚନା ପରେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ସାମୟିକ ସ୍ଥଗିତ ରହିଛି । ଏହା କେବଳ ଗୋଟିଏ ଘଟଣା ନୁହେଁ, ବର୍ଷକ ଭିତରେ ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି, ଯାହାକି ସରକାରୀ ଅଧିକାରୀଙ୍କୁ ବିଚଳିତ କରିବା ସହ ଆତ୍ମସମ୍ମାନକୁ ଆଘାତ ଦେଉଛି । ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କୁ ଆକ୍ରମଣ ପ୍ରାଶାସନିକ ବ୍ୟବସ୍ଥାକୁ ଆକ୍ରମଣ ସହ ସମାନ । ଏଣିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି ଓଏଏସ ଅଧିକାରୀ। ଯେପର୍ଯ୍ୟନ୍ତ ସୁରକ୍ଷା ସୁନିଶ୍ଚିତ କରିନାହାନ୍ତି, ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୁହ ଛୁଟିରେ ରହିବେ ବୋଲି ସେମାନେ କହିଥିଲେ। ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ଭେଟିବା ପରେ ନିଷ୍ପତ୍ତି ସ୍ଥଗିତ ରହିଛି ।

## ନୂଆ କ୍ରୀଡ଼ା...

ପାଇଁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ନୂତନ ଜାତୀୟ କ୍ରୀଡା ନୀତି - ୨୦୨୫ କ୍ରୀଡା ନୀତି-୨୦୦୧ର ସ୍ଥାନ ନେବ । ଏହା ଦ୍ୱାରା ଭାରତ କ୍ରୀଡା ଜଗତରେ ଏକ ବିଶ୍ୱସ୍ତରୀୟ ସୁପରପାୱାର ହେବ । ଏହା ବ୍ୟତୀତ, ଅଲିମ୍ପିକ୍ସ-୨୦୩୬ ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟରେ ଏକ ଦୃଢ଼ ଦାବିଦାର ହେବାକୁ ମଜଭୁତ କରିବ । ଜାତୀୟ କ୍ରୀଡା ନୀତି-୨୦୨୫ ପ୍ରସ୍ତୁତ କରିବାରେ, କେନ୍ଦ୍ରୀୟ ମନ୍ତ୍ରଣାଳୟ, ନୀତି ଆୟୋଗ, ରାଜ୍ୟ ସରକାର, ଜାତୀୟ କ୍ରୀଡ଼ା ସଂଘ, ଖେଳାଳି, ବିଶେଷଜ୍ଞ ଏବଂ ସାଧାରଣ ଜନତାଙ୍କ ପାଖରୁ ପରାମର୍ଶ ନିଆଯାଇଥିଲା। ନୂତନ ନୀତିରେ ରଣନୈତିକ ଢାଞ୍ଚା ଉପରେ ଧ୍ୟାନ ଦିଆଯାଇଛି । ଏଥିରେ ନିୟାମକ ପ୍ରଣାଳୀ, ଘରୋଇ ପାଣ୍ଠି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ବ୍ୟବହାର ଏବଂ ପର୍ଯ୍ୟବେକ୍ଷଣ ପ୍ରଣାଳୀ ଅନ୍ତର୍ଭୁକ୍ତ। ଏହି ନୀତି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଏକ ମଡେଲ ନୀତି ଭାବରେ କାର୍ଯ୍ୟ କରିବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି ।

## ବାଲେଶ୍ୱର ବନ୍ୟା...

ଗାଲୁଡି ବ୍ୟାରେଜର ଗେଟ ଖୋଲିବା ଫଳରେ ନଦୀରେ ବନ୍ୟା ପାଣି ଆସି ଉତ୍ତର ବାଲେଶ୍ୱରକୁ ଜଳମଗ୍ନ କରିଛି। ଉପରେ ମୁଣ୍ଡରେ ଅଧିକ ବର୍ଷାରେ ଭୟାବହ ସ୍ଥିତି ଉପୁଜିବାର ଆଶଙ୍କା କରାଯାଇଛି । ସେପଟେ ବୁଢାବଳଙ୍ଗ ନଦୀର ବନ୍ୟା ଜଳ ବି କିଛି ଅଞ୍ଚଳରେ ପ୍ରବେଶ କରିଛି । ଜିଲ୍ଲାରେ ପ୍ରାୟ ୩ ହଜାର ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ସବୁ ସ୍ଥାନରେ ଓଡ୍ରାଫର ୪ ଓ ଅଗ୍ନିଶମ ବିଭାଗର ୮ ଟି ଟିମ ମୁତୟନ ରହିଛନ୍ତି । ବିଚ୍ଛିନ୍ନ ଅଞ୍ଚଳକୁ ବୋଟ ମାଧ୍ୟମରେ ଲୋକଙ୍କୁ ଯିବା ଆସିବା ସୁବିଧା ଯୋଗାଇ ଦିଆଯାଉଛି। ଏଥିସହିତ ୨୪ ଘଣ୍ଟିଆ ଜରୁରୀକାଳୀନ ନମ୍ବର ଜାରି କରାଯିବା ସହିତ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକ ଦାୟିତ୍ୱ ଦେଇଛନ୍ତି ଜିଲ୍ଲାପାଳ।

## ଜନକଲ୍ୟାଣକାରୀ...

ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୧ ତାରିଖରେ ଏହି ବ୍ୟାଙ୍କଗୁଡିକୁ ସରକାରୀ ତାଲିକାରୁ କାଢିଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ ଏହି ସବୁ ଯୋଜନାଗୁଡିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡିଶାରେ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କଗୁଡିକ ହେଉଛନ୍ତି ଏକ ବଡ ମାଧ୍ୟମ। ତେଣୁ ଏହି ସବୁ ବ୍ୟାଙ୍କଗୁଡିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କମାନଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଛନ୍ତି ଯେ, ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ ଅଛନ୍ତି ଏବଂ ଖୁବଶୀଘ୍ର ଏହି ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ ସ୍ମିତା ଭଗତ୍, ବ୍ରାଞ୍ଚ ବ୍ୟାଙ୍କିଂ ହେଡ ଇଷ୍ଟ ସନ୍ଦୀପ କୁମାର, ରିଜିଓନାଲ ହେଡ ଦୀପକ ସିଂହ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହେରୋତ୍ରା, ଓଡ଼ିଶା ସିଟି ବିଜିନେସ ହେଡ ବିନୋଦ ଏଲ ଏବଂ ରିଜିଓନାଲ ହେଡ ଅମୀୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଆହୁରି ୫...

ଏବଂ ବାଂଲାଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ତାରିଖ ଯାଏ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ଅତିପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁର ଏହି ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିଲା। ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୁବର୍ଣ୍ଣପୁର, ଅନୁଗୋଳ ଏବଂ ଦେବଗଡ଼ ଏହି ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ମଧ ଜାରି ହୋଇଥିଲା। ଉତ୍ତର ଉପକୂଳ ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ବି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏସବୁ ଅଞ୍ଚଳରେ ସତର୍କ ରହିବାକୁ ପରାମର୍ଶ ଜାରି କରାଯାଇଛି।

## ଅରୁଣ ସ୍ତମ୍ଭ...

ତା ପରେ ରଥ ଉପରକୁ ଚଢିବା ମନା। ଆଉ ଏବେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭ ସ୍ପର୍ଶ କରିବାର ଅଧିକାରରୁ ବଞ୍ଚିତ ହେଉଛନ୍ତି ଭକ୍ତ। ତେବେ ଏହି ନୂତନ ପିତଳ ବ୍ୟାରିକେଡରେ ଇସ୍କନ ସଂସ୍ଥାର ପ୍ରତୀକ ଭଳି ଦୃଶ୍ୟମାନ ହେଉଛି । ତେବେ ଅଭିଯୋଗ ପରେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ଆଇନମନ୍ତ୍ରୀ । ହଠାତ ଅରୁଣ ସ୍ତମ୍ଭ ଚାରିପଟେ ଏଭଳି ପିତଳ ବ୍ୟାରିକେଡ଼ ଲାଗିବା ନିଷ୍ପତ୍ତି କଣ ପାଇଁ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ।

ଭୁବନେଶ୍ୱର
୦୨ ଜୁଲାଇ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭାରତ-ଆମେରିକା ମଧ୍ୟରେ ଖୁବଶୀଘ୍ର ହୋଇପାରେ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ, ୦୧/୦୭**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ ଏକ ବିବୃତ୍ତି ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି । ସେ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ସରକାରଙ୍କ ମତ ସ୍ପଷ୍ଟ କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଭାରତ ନିଶ୍ଚିତ ଭାବରେ ଆମେରିକା ସହିତ ଏକ ଭଲ ଚୁକ୍ତି କରିବାକୁ ଚାହିଁବ, କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରହିବ । ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ, ଭାରତରେ କୃଷି ଏବଂ ଦୁଗ୍ଧ କ୍ଷେତ୍ର ପାଇଁ କିଛି ସୀମା ରହିଛି । ଏହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ । ସୀତାରମଣଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟ ବିଷୟରେ ପ୍ରଶ୍ନ କରାଯାଇଥିଲା । ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, 'ହଁ, କାହିଁକି ନୁହେଁ । ଆମେ ଏକ ଭଲ ଚୁକ୍ତି କରିବାକୁ ଚାହୁଁଛୁ ।' ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ୮ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ । ଟ୍ରମ୍ପଙ୍କ ଅନୁଯାୟୀ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ରାସ୍ତାରେ ଆସୁଥିବା ସମସ୍ତ ପ୍ରତିବନ୍ଧକଗୁଡ଼ିକୁ ଶୀଘ୍ର ଦୂର କରାଯାଇପାରିବ । ଏହି ଚୁକ୍ତିରେ ଆଇଟି, ଉତ୍ପାଦନ ଏବଂ ସେବା ସହିତ ଅଟୋମୋବାଇଲ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ । ଭାରତ ଏବଂ



ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ । ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଏକ ଅପଡେଟ୍ ମିଳିପାରେ । ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଭାରତ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ, ସେନେଇ କହିଛନ୍ତି ଅର୍ଥମନ୍ତ୍ରୀ । ଫାଇନାନ୍ସିଆଲ୍ ଏକ୍ସପ୍ରେସକୁ ଦେଇଥିବା ଏକ ସାକ୍ଷାତକାରରେ ସୀତାରମଣ କହିଛନ୍ତି, 'ଆମେ ଯେତେ ଶୀଘ୍ର ଚୁକ୍ତି କରିବୁ, ଆମ ପାଇଁ ସେତେ ଭଲ ହେବ ।'

# ଅବସର ନେଇଥାନ୍ତେ ଅଧ୍ୟାପକ :ହାଇକୋର୍ଟ ରାୟ ପରେ ବଦଳିଗଲା ଅବସର ତାରିଖ

**କଟକ, ୦୧/୦୭ ନ୍ୟୁଜ ବ୍ୟୁରୋ**

କଲେଜରୁ ଅବସର ନେଇଥାଆନ୍ତେ ଅଧ୍ୟାପକ । ମାତ୍ର ହାଇକୋର୍ଟ ଶୁଣାଇଲେ ବଡ଼ ରାୟ । ହାଇକୋର୍ଟଙ୍କ ଚୂଡାନ୍ତ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାକିରିରେ ରହିବେ ଜଣେ ଇଂରାଜୀ ଅଧ୍ୟାପକ । ଚାକିରି ସଂପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ କରିବା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରିଥିବା କାରଣରୁ ଅଧ୍ୟାପକ ଜଣଙ୍କ ଏହି ସୁବିଧା ପାଇଛନ୍ତି । କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଅଧ୍ୟାପକ ଜଣକ ନିଜ ପଦରେ ରହି କାର୍ଯ୍ୟ କରିବେ । ତେବେ ଚାକିରି ସଂକ୍ରାନ୍ତୀୟ ଫାଇଲରେ ଜନ୍ମ ତାରିଖ ସଂଶୋଧନ ହୋଇ ନ ଥିବାରୁ ଅଧ୍ୟାପକ ସୋମବାରରେ ଅବସର ଗ୍ରହଣ କରିଥାନ୍ତେ । ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଅଧ୍ୟାପକଙ୍କ ଜନ୍ମ ତାରିଖ ଯାଞ୍ଚ ସଂପର୍କିତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ରିପୋର୍ଟକୁ ବିଚାରକୁ ନିଆଯାଇ ଦୁଇ ସପ୍ତାହ ଭିତରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ଏଭଳି ସ୍ଥିତିରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୧କୁ ଧାର୍ଯ୍ୟ କରିଛନ୍ତି । ଏଥି ସହିତ ଆଧ୍ୟାପକଙ୍କୁ ନିଜ ପଦରେ ରହି କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ବୋଲି



ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ, ଯାଜପୁର ଅଙ୍ଗାଳୋସ୍ଥିତ ଲଛମନଜିଉ କଲେଜର ଅଧ୍ୟାପକ ଆଲୋକଚନ୍ଦ୍ର ବାରିକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ଅଧ୍ୟାପକ ଜୁନ ୩୦ରେ ଅବସର ନ ନେଇ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଜ ପଦବୀରେ କାର୍ଯ୍ୟ କରିବେ । ମାମଲାର ବିବରଣୀରୁ ଜଣା ପଡ଼ିଛି ଯେ, ଆବେଦନକାରୀ ୧୯୮୩ରେ ମାଟ୍ରିକ୍ ପାସ୍ କରିଥିବା ବେଳେ ତାଙ୍କ ଆଡମିଟ୍ କାର୍ଡ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୭, ଜୁନ୍ ୬ ଉଲ୍ଲେଖ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ୧୯୮୪ରେ ସେ ପାଇଥିବା ଚୂଡାନ୍ତ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୫, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା । ବାରମ୍ବାର ଅନୁରୋଧ ପରେ ବି ତାଙ୍କ ମାଟ୍ରିକ୍ ସାର୍ଟିଫି ?କେଟରେ ଜନ୍ମ ତାରିଖ ସଂଶୋଧନ ହୋଇ ପାରିନଥିଲା । ୨୦୨୫ ଏପ୍ରିଲରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ କରାଯାଇ ସାନି ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହାପରେ ଚାକିରି ସଂପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ ପାଇଁ ସେ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ । ଆବେଦନକାରୀ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବା ଲଛମନଜିଉ କଲେଜର ଅଧ୍ୟକ୍ଷଙ୍କ ତରଫରୁ ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିଲା । ଏହାପରେ ମଧ୍ୟ ଆବେଦନକାରୀଙ୍କ ଚାକିରି ସଂପର୍କିତ ଫାଇଲରେ ପ୍ରକୃତ ଜନ୍ମ ତାରିଖ ସଂଶୋଧନ ପାଇଁ ଉଚ୍ଚଶିକ୍ଷା ବିଭାଗ ତରଫରୁ କେ ?ଣସି ପଦକ୍ଷେପ ନିଆଯାଇ ନଥିଲା । କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

**ଭୁବନେଶ୍ୱର, ୧ । ୭**
**ନ୍ୟୁଜ ବ୍ୟୁରୋ**

ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ସୋମବାର ଆଭାଷୀ ମାଧ୍ୟମରେ ଆମେରିକାର ଆମେରିକାନ ୟୁନିଭର୍ସିଟି ଅଫ ମାଲ୍‌ଟା ଓ ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ୍ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଓ ସଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ।



ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ ଇଉନିଭର୍ସିଟି ଅଫ୍ ମାଲ୍‌ଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ । ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଆମେରିକାନ ୟୁନିଭର୍ସିଟି ଅଫ ମାଲଟା ସହ ବୁଝାମଣା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ ବୁଝାମଣା କାର୍ଯ୍ୟକ୍ରମରେ ବୁଲଗେରିଆସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟର ରେକ୍ଟର ପ୍ରଫେସର ମିଲେନ ବାଲ୍‌ଟୋଭ ପ୍ରମୁଖ ଉପସ୍ଥିତ ଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରାସନକାର୍ଡ ଇ-କେୱାଇସି କରିବା ପାଇଁ ଆଉ ୩ମାସ ମହଲତ ଦେଲେ ସରକାର

**ଭୁବନେଶ୍ୱର, ୧/୦୭**
**ନ୍ୟୁଜ ବ୍ୟୁରୋ**

ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବା ଲାଗି ରାଜ୍ୟ ସରକାର ଇ-କେୱାଇସି ଯାଞ୍ଚ କରିବା ଲାଗି ନିଷ୍ପତ୍ତି ନେଇଥିଲେ । ଏହି ପ୍ରକ୍ରିୟାର ଅବଧି ଶେଷ ହୋଇଛି । ଏହି ସମୟ ଭିତରେ ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନେ ଆସନ୍ତା ୩ମାସ ପାଇଁ ଆଉ ଚାଉଳ ଉଠାଇପାରିବେ ନାହିଁ । ଅର୍ଥାତ୍ ଜୁଲାଇ ମାସରୁ ଚାଉଳ ଉଠାଣ ବନ୍ଦ ହୋଇଯିବ । ତେବେ କାର୍ଡକୁ ସଚଳ କରିବାକୁ ଚାହୁଁଥିବା ହିତାଧିକାରୀଙ୍କୁ ଇ-କେୱାଇସି ଲାଗି ରାଜ୍ୟ ସରକାର ଆଉ ୩ମାସ ମହଲତ ଦେଇଥିବା ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ନୂଆ ସରକାର



ଆସିବା ପରେ ଭୂତ କାର୍ଡଧାରୀଙ୍କୁ ଧରିବା ଲାଗି ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହାଭିତରେ ୫ରୁ ଅଧିକ ସମୟ ସରକାର ଅବଧିକୁ ବଢ଼ାଇଥିଲେ । ଓଡ଼ିଶାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୩କୋଟି ୩୬ଲକ୍ଷ ୩୫ହଜାର ହିତାଧିକାରୀ ରହିଛନ୍ତି । ନୂଆ ସରକାର ଆସିବା ପରେ ଆଉ ୬ଲକ୍ଷ ନୂଆ କାର୍ଡ ଦିଆଯାଇଛି । ଅବଧି ଶେଷ ହେବା ପରେ ବିଭିନ୍ନ ସମସ୍ୟା ପାଇଁ ଇ-କେୱାଇସି କରିପାରି ନ ଥିବା ହିତାଧିକାରୀ ଏବେ ଚିନ୍ତାରେ । ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୨୦ଲକ୍ଷ ୫୮ହଜାର ହିତାଧିକାରୀ ନିଜର ଇ-କେୱାଇସି କରିନାହାନ୍ତି । ତେଣୁ ସେମାନଙ୍କ ରାସନ କାର୍ଡ ସସ୍‌ପେଣ୍ଡ ରହିବ । କାର୍ଡ ସସ୍‌ପେଣ୍ଡ ରହିଲେ ଚାଉଳ ଉଠାଉଥିବା ହିତାଧିକାରୀ ଭୂତ ନା ଯୋଗ୍ୟ ତାହା ଧରାପଡ଼ିବ । ୩ମାସ ଭିତରେ ଇ-କେୱାଇସି ନ କଲେ କାର୍ଡ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ।

## ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣା

# ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ କଲେ ସୁରେଶ ପୂଜାରୀ



**ଭୁବନେଶ୍ୱର, ୦୧/୦୭**
**ନ୍ୟୁଜ ବ୍ୟୁରୋ**

ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟାରେ ମୃତକଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ବରିଷ୍ଠ ନାଗରିକ ପ୍ରେମକାନ୍ତ ମହାନ୍ତିଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରେମକାନ୍ତଙ୍କ ପତ୍ନୀ ପୁଷ୍ପାରାଣୀ ମହାନ୍ତିଙ୍କୁ ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଘଟଣା ସମୟର ସ୍ଥିତି ଓ ଅଭିଜ୍ଞତା ବାବଦରେ ପରିବାର ଲୋକ ମନ୍ତ୍ରୀ ଶ୍ରୀ ପୁଜାରିଙ୍କୁ ଅବଗତ କରିଛନ୍ତି । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ନିକଟତମ ପରିବାର ବର୍ଗଙ୍କ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା ହୋଇଥିଲା । ଦଳାଚକଟାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ମଧ୍ୟରେ ଭୁବନେଶ୍ୱରର ବରିଷ୍ଠ ନାଗରିକ ପ୍ରେମକାନ୍ତ ମହାନ୍ତି ରହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ପ୍ରେମକାନ୍ତଙ୍କ ପରିବାର ବର୍ଗଙ୍କୁ ଏହି ଅନୁକମ୍ପା ରାଶିର ଚେକ୍ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀ ଅନୁକମ୍ପା ରାଶି ପ୍ରେମକାନ୍ତଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଥିବା ବେଳେ ଘଟଣା ସମୟର ସ୍ଥିତି ଓ ଅଭିଜ୍ଞତା ବାବଦରେ ପରିବାର ଲୋକ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି । ମନ୍ତ୍ରୀ ସମସ୍ତ କଥା ଶୁଣିବା ପରେ ଭାବୁକ ମଧ ହୋଇଥିବା ଦେଖିବାକୁ ମିଳିଛି । ଏହି ସମୟରେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ସମାଜସେବୀ ଅର୍ଜୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ବାପା-ମା' ଛେଉଣ୍ଡ ଜାଣିବ ସେମାନଙ୍କ ଅନୁପସ୍ଥିତର କଷ୍ଟ । ୧୨ ବର୍ଷ ତଳେ ମୁଁ ବାପାଙ୍କୁ ହରେଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ ଭୁଲି ପାରିନାହିଁ । ବାପା ମା' ଆଉ କିଛି ଦିନ ବଞ୍ଚିଥିଲେ, ତାଙ୍କ ଛତ୍ରଛାୟା ମିଳିଥାନ୍ତା । ଝିଅକୁ ଭେଟିଲି । ବାପାଙ୍କ ମୃତ୍ୟୁ ଖବର ପାଇ ସେ ଭୁବନେଶ୍ୱର ପହଞ୍ଚିଛି । ସ୍ୱାମୀକୁ ହରେଇ ଥିବା ସ୍ତ୍ରୀକୁ ଭେଟିଲି । ଜୀବନ ଅମୂଲ୍ୟ । ଜୀବନର କୌଣସି କ୍ଷତିପୂରଣ ନାହିଁ । ଦଳାଚକଟା ମୃତକଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଘୋଷଣା ହୋଇଥିବା ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କଲି । କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ତାହାର ତଥ୍ୟ ମଧ୍ୟ ଆଣିଛି । ଘଟଣାର ତଦନ୍ତ ଚାଲିଛି । ନୂଆ ନୂଆ ତଥ୍ୟ ମଧ ଆସିବାରେ ଲାଗିଛି । ସାମଗ୍ରିକ ଭାବେ ତଦନ୍ତ ହେଉଛି । ଯେଉଁମାନଙ୍କ ଅବହେଳା ପାଇଁ ଏଭଳି ଅଭାବନୀୟ ଘଟଣା ଘଟିଛି, ସେମାନଙ୍କୁ ଠାବ କରାଯିବ । ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରଙ୍କ ପ୍ରତିନିଧି ଭାବେ ଅର୍ଥ ରାଶିର ଚେକ ପ୍ରଦାନ କରିବା ସହ ସମବେଦନା ଜ୍ଞାପନ କରିଛି । ଆସନ୍ତା ୮ ତାରିଖରେ ତାଙ୍କ କ୍ରିୟାକର୍ମରେ ସାମିଲ ହେବାକୁ ଚେଷ୍ଟା କରିବି ।'

# ମରାଠା ବାଘୁଣୀ 'ଜିନ୍ନତ' ଗର୍ଭବତୀ

**ଭୁବନେଶ୍ୱର,୦୧/୦୭**
**ନ୍ୟୁଜ ବ୍ୟୁରୋ**

ମହାରାଷ୍ଟ୍ର ତଡ଼ଭା ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟା ଚୁଲବୁଲି ଜିନ୍ନତ ଏବେ ଗର୍ଭବତୀ ହୋଇଛି । ୩ ରାଜ୍ୟର ୭ ଜଙ୍ଗଲ ଘୁରିକି ଫେରିଥିବା ଏହି ମରାଠା ବାଘୁଣୀ ଶିମିଳିପାଳ ଅଭୟାରଣ୍ୟର ଜଣାଶୁଣା ମହାବଳ 'ଟି-୧୨' ସହ ସହବାସ ହୋଇଛି । ବନବିଭାଗ ସୂଚନା ମୁତାବକ, ସୁଦୂର ମହାରାଷ୍ଟ୍ରରୁ ଆସିଥିବା ଜିନ୍ନତକୁ ଜାନୁଆରୀ ପହିଲାରୁ ଯମୁନାଗଡ଼ସ୍ଥିତ 'ସ୍ୱତନ୍ତ୍ର ଏନକ୍ଲୋଜର' ରେ ଛଡ଼ାଯାଇଥିଲା । ସ୍ୱତନ୍ତ୍ର ଡାକ୍ତରୀ ଦଳ ବାଘୁଣୀର ଗତିବିଧି ଓ ସ୍ୱାସ୍ଥ୍ୟ ଉପରେ ନିରନ୍ତର ନଜର ରଖୁଥିଲେ । ଦେଢ଼ ମାସେ ତଳେ ବାଘୁଣୀକୁ ଏନ୍‌କ୍ଲୋଜରରୁ ଜଙ୍ଗଲକୁ ଛଡ଼ାଯାଇଛି । ଏହାପରେ ବାଘୁଣୀଟି ଯମୁନାଗଡ଼ ଠାରୁ ଗୁଡୁଗୁଡିଆ ଜଙ୍ଗଲରେ ଘୁରି ବୁଲୁଛି । ସୁବର୍ଣ୍ଣରେଖା ନଦୀ ପହଁରି ଝାଡ଼ଖଣ୍ଡ ମୁହାଁ ହୋଇନାହିଁ କି ଅନ୍ୟ ରାଜ୍ୟ ସୀମା ଡେଇଁନାହିଁ । ଲାଗୁଛି ଏହି ୨୫-୩୦ ବର୍ଗକିମି ଇଲାକାକୁ ଜିନ୍ନତ ନିଜର ଟେରିଟୋରି ଭାବେ ବାଛି ନେଇଛି ।

# ରଥଯାତ୍ରାରେ ଅମାନିଆ ଚାଳକଙ୍କ ଉପରେ ଏଆଇ ନଜର : କଟିଲା ୧୮୦୦ ଇ-ଚାଲାଣ



**ଭୁବନେଶ୍ୱର, ୦୧/୦୭**
**ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ରଖିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ କରାଯାଇଛି । ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି । ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ସେହି ଅନୁଯାୟୀ ପୁରୀ ଆରଟିଓ ଅଧିନରେ ୭ଟି ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ରୁଟ୍‌ରେ ନିୟମିତ ଏନଫୋର୍ସମେଣ୍ଟ କରାଯାଉଛି । ଏହାବାଦ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି । ରଥଯାତ୍ରା ଏବଂ ତା'ର ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ୨୭, ୨୮ ଏବଂ ୨୯ ଜୁନ୍‌ରେ ପୁରୀ ରୁଟ୍‌ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ଯୋଗୁଁ ପ୍ରାୟ ୧୮୦୦ଟି ଇ-ଚାଲାଣ କଟିଛି । ଯେଉଁଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଂଘନ ରହିଛି । ସେହିଭଳି ମାନବସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏନଫୋର୍ସମେଣ୍ଟକୁ ମଧ କଡ଼ାକଡ଼ି କରାଯାଉଛି । ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ କରାଯାଇଛି । ଏସବୁ ବ୍ୟତୀତ ଧାର୍ଯ୍ୟ ଦର ଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ୍‌ଗୁଡିକ ଉପରେ ମଧ କଡ଼ା ନଜର ରଖାଯାଉଛି । ବସ୍ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି । କଟକ ନେତାଜୀ ବସ୍ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ୍ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସ୍ ଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆରଟିଓମାନେ ନିୟମିତ ଭାବରେ ସରପ୍ରାଇଜ୍ ଚେକିଂ କରୁଛନ୍ତି । କୌଣସି ବସ୍ ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନନେବାକୁ ବାରମ୍ବାର ତାଗିଦ କରାଯାଉଛି । ଏହାସହ କୌଣସି ଗାଡ଼ି ଅଧା ରାସ୍ତାରେ ଖରାପ ହୋଇଗଲେ ଯେମିତି ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପାଇଁ ଅସ୍ଥାୟୀ ଗାଡ଼ି ମରାମତି ବ୍ୟବସ୍ଥା ଏବଂ କ୍ରେନ ସାହାଯ୍ୟରେ ଗାଡ଼ିକୁ ରାସ୍ତାରୁ ବାହାର କରିବା ପାଇଁ ଭୁବନେଶ୍ୱରରୁ ପୁରୀ ପଥରେ ଅଟୋମୋବାଇଲ କମ୍ପାନୀ ଏବଂ ଡିଲରମାନଙ୍କ ସହାୟତାରେ ସହାୟତା ବ୍ୟବସ୍ଥା ଜାରି କରାଯାଇଛି । ଯାତ୍ରୀମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି, ଯାହାର ହେଲ୍ପଡେସ୍କ ନମ୍ବର- ୦୬୭୫-୨୨୨୩୪୭୮ ରହିଛି । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମାଗାର, ମୌଳିକ ସୁବିଧା ଏବଂ ନିଃଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି । ବାହୁଡ଼ା ଏବଂ ସୁନାବେଶରେ ମଧ ଏଭଳି ସେବା ଯୋଗାଇ ଦିଆଯିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂ ଠାରୁ ମଙ୍ଗଳାହାଟ ରୁଟ୍‌ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି । ଅଟୋ ସେବାକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ଯାଏଁ କିଭଳି ପରିବହନ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଏବଂ କର୍ମଚାରୀ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ସୂଚନା ମିଳିଛି ।


ଏବେ ବଜାରରେ ଉପଲବ୍ଧ...

'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା



ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ଜେନା ।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ରି ସାହୁ, ରୁମଝୁମ ନାୟକ, ଜାକିର ଖାନ୍ ।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ପଟ୍ଟନାୟକ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)


## ମାଲକାନଗିରି ଜିଲ୍ଲାରେ ମ୍ୟାଲେରିଆ ଆତଙ୍କ

# ୪ ମାସରେ ଜଣେ ମୃତ, ୨୯୬୯ ଆକ୍ରାନ୍ତ

**ମାଲକାନଗିରି, ୦୧ ।୭**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ବଢିବାରେ ଲାଗିଛି ମାଲେରିଆ ରୋଗୀଙ୍କ ସଂଖ୍ୟା । ୪ମାସରେ ଜଣେ ମୃତ ଓ ୨୯୬୯ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ କେବଳ ୫୦ ଜଣ ବିଏସଏଫ ଯବାନ ଆକ୍ରାନ୍ତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଜଣାପଡିଛି ।

ଜିଲ୍ଲାକୁ ପୁଣି ଲେଉଟିଛି ମ୍ୟାଲେରିଆ ରୋଗ । ଏକଦା ମ୍ୟାଲେରିଆ ମୁକ୍ତ ଭାବେ ପରିଚୟ ପାଉଥିବା ଏହି ଜିଲ୍ଲାରେ ବର୍ତ୍ତମାନ ମ୍ୟାଲେରିଆ ଜ୍ୱର ଆତଙ୍କ ବଢିବାରେ ଲାଗିଛି । ଜିଲ୍ଲାରେ ଗତ ଏପ୍ରିଲ ମାସ ଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୯୬୯ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣା ପଡିଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । କେବଳ ଯେ ସାଧାରଣ ଜନତା ଏହି ମାଲେରିଆ ଜ୍ୱରରେ ପୀଡିତ ହେଉଛନ୍ତି ତାହା ନୁହେ ବରଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜିଲ୍ଲାକୁ ସୁରକ୍ଷା ଦେବା ପାଇଁ ନିୟୋଜିତ ହୋଇଥିବା ବିଏସଏଫ ଯବାନମାନେ ମଧ ଏହି ଜ୍ୱରରେ ପୀଡିତ ହେଉଥିବା ଜଣା ପଡିଛି । ତେବେ ଗତ ପ୍ରାୟ ୪ ମାସ ମଧ୍ୟରେ ୫୦ରୁ ଅଧିକ ଯବାନ ମ୍ୟାଲେରିଆ ଜ୍ୱରରେ ପୀଡିତ ହୋଇ ସୁସ୍ଥ ହୋଇଥିବା ଜଣା ପଡିଛି ।




ତେବେ ବିଗତ ଦିନରେ ମାଲକାନଗିରି ଜିଲ୍ଲା ଏକ ମ୍ୟାଲେରିଆ ପ୍ରବଣ ଜିଲ୍ଲା ଭାବେ ପରିଗଣିତ ହେଉଥିବା ବେଳେ ସରକାର ଏହି ଜିଲ୍ଲାରେ ମ୍ୟାଲେରିଆ ଦୂର କରିବା ପାଇଁ ଅନେକ ପଦକ୍ଷେପ ନେଇଥିଲେ । ମ୍ୟାଲେରିଆ ରୋକିବା ପାଇଁ ଲୋକଙ୍କୁ ସଚେତନ, ମଶାରୀ ବ୍ୟବହାର ସହ ଦମନ ଅଭିଯାନ ଦ୍ୱାରା ଜିଲ୍ଲାରୁ ମ୍ୟାଲେରିଆ ଜ୍ୱରକୁ ଏକ ପ୍ରକାର ରୋକ ଲଗାଇବାରେ ସଫଳ ହୋଇଥିଲେ । ଜିଲ୍ଲାରେ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଭେକ୍ଟର ସେଣ୍ଟର (ଭିସିଆରସି) ଖୋଲା ଯାଇଥିଲା, ଯାହା ଫଳରେ ପୂର୍ବ ଅପେକ୍ଷା ମ୍ୟାଲେରିଆ ଜ୍ୱରର ଆତଙ୍କ କମିଥିଲା । ଗତ କିଛି ବର୍ଷ ହେଲା ଭିସିଆରସି କେନ୍ଦ୍ରଟିକୁ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତରିତ କରାଯାଇଛି । ଗତ କିଛି ମାସ ହେଲା ମ୍ୟାଲେରିଆ କାୟା ବିସ୍ତାର କରିବାରେ ଲାଗିଛି । ଜିଲ୍ଲାରେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ରୋଗୀ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ତେବ ଯଦିଓ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହୁଏ ତେବେ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ତତ୍ପର ଥିବା ସହ ସମସ୍ତ ଆକ୍ରାନ୍ତଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଗାଁ ଗାଁରେ ଅଙ୍ଗନ ୱାର୍ଡି, ସ୍ୱାସ୍ଥ୍ୟ କର୍ମୀମାନେ ଔଷଧଯୁକ୍ତ ମଶାରୀ ବଣ୍ଟନ, ରକ୍ତ ନମୁନା ସଂଗ୍ରହ ସହ ସଚେତନତା କରୁଥିବାରୁ ଏହି ଜ୍ୱରକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗତ କିଛି ଦିନ ହେଲା ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଥିବାରୁ ବିଭିନ୍ନ ଗ୍ରାମରେ ଜ୍ୱର ବ୍ୟାପିବାରେ ଲାଗିଗଲାଣି । ଆଗାମୀ ଦିନରେ ମ୍ୟାଲେରିଆ ଜ୍ୱର କାୟା ବିସ୍ତାର କରିବାର ବହୁତ ସମ୍ଭାବନା ରହିଛି ।